ଜୟଗୁରୁ

# ପ୍ରଣତି-ଗୀତିକା

## ଦ୍ୱିତୀୟ ଉଚ୍ଛ୍ୱାସ

ନୀଳାଚଳ ସାରସ୍ୱତ ସଂଘ

# ସୂଚୀପତ୍ର


| କ୍ରମ | ବିଷୟ | ପୃଷ୍ଠା |
|---|---|---|
| | **ଜାଗରଣ** | |
| ୧ । | ନିଦ ଭାଙ୍ଗ, ରାତି ତ ହେଲା ପାହାନ୍ତି | ୧୭୫ |
| ୨ । | 'ଜୟଗୁରୁ' ବୋଲି ଗାଅ କଣ୍ଠ ମେଳି | ୧୭୬ |
| ୩ । | ଆଉ କେତେ କାଳ ଥିବୁ ଘୁମାଇଁ ରେ | ୧୭୭ |
| ୪ । | ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି | ୧୭୮ |
| ୫ । | ଆସି ଅରୁଣ ପୂରୁବେ ଉଇଁଲା | ୧୭୯ |
| ୬ । | ଅମାନିଶି ହେଲା ପରଭାତ | ୧୮୦ |
| ୭ । | ନିଶି ହେଲାଣି ପାହାନ୍ତି, ଜାଗ ଜଗଦ୍‌ବାସୀ | ୧୮୧ |
| ୮ । | ଜାଗ ରେ ! ଅମୃତ ସନ୍ତାନ ଜାଗ | ୧୮୨ |
| ୯ । | ଜଗାଅ ରେ, ଗଗନ, ଭୁବନ, ପବନ | ୧୮୩ |
| ୧୦ । | ମିଛେ ନ ରହ ଆଉ ଘୁମାଇଁ | ୧୮୪ |
| | **ଅଭିଳାଷ** | |
| ୧ । | କେଡ଼େ ଭାଗ୍ୟ ସତେ କାହିଁ ପ୍ରିୟ ମୋର | ୧୮୭ |
| ୨ । | କେବେ ସେ ଦିନ ସତେ ଆସିବ ରେ ? | ୧୮୮ |
| ୩ । | ନିରାଶ ନ କର ଆଜି ଦୟାଳୁ ଠାକୁର ହେ ! | ୧୮୯ |
| ୪ । | ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ ମରଣେ | ୧୯୦ |
| ୫ । | କେ ଜାଣେ ଏ ବେଳ ଆଉ ମିଳିବ କି ନାହିଁରେ | ୧୯୧ |
| ୬ । | ଘେରାଇ ଦେଲେ ଦିଅ, ଦୁଃଖର ଅମାଘନ | ୧୯୨ |
| ୭ । | ତୁମ ବିନେ ହେ ଗୋସାଇଁ | ୧୯୩ |
| ୮ । | ଜୀବନେ ଆସିବ କେବେ ସେ ଦିନ ରେ ? | ୧୯୪ |
| ୯ । | ଚାକି ରହିଛି ରେ ସେ ଦିନକୁ ପୋଡ଼ା ଆଖି | ୧୯୬ |
| ୧୦ । | ନାଥ ! ମନର ବାସନା ମୋର | ୧୯୭ |
| | **ଉଦ୍‌ବୋଧନ** | |
| ୧ । | ଆସ ରେ ସରବେ କଣ୍ଠ ମିଳାଇ | ୨୦୧ |
| ୨ । | ଆସ, ଆସ, ଆସ ଉଛୁର ନ କରି ଆସ ରେ | ୨୦୨ |
| ୩ । | ଆସ ଯେତେ ଯହିଁ ଭକତ-ମଣ୍ଡଳୀ | ୨୦୩ |
| ୪ । | ଅନା ଫେରି ରେ | ୨୦୪ |
| ୫ । | କଣ୍ଠ ମିଳାଇ ଆସ ରେ ସରବେ | ୨୦୫ |
| ୬ । | ଚାଲ ଯିବା ସଭିଏଁ ଗୁରୁ ଦୁଆରେ | ୨୦୬ |
| ୭ । | ପ୍ରିୟତମ ଡାକ ଶୁଭେ ତ ଆଜି ରେ | ୨୦୭ |
| ୮ । | ଆମେ ସବୁ ଆଜି ଏକାଠି ହୋଇଛେ | ୨୦୮ |
| ୯ । | ଆସ ଭକତ ଭଉଣୀ ଭାଇ ! | ୨୦୯ |
| ୧୦ । | ଶୁଭ ପ୍ରଭାତେ ନବ ରବି ପରକାଶ | ୨୧୦ |
| | **ପ୍ରାର୍ଥନା** | |
| ୧ । | ଦୀନବନ୍ଧୁ ! ବୁକୁ ମୋର ଥର ଥର | ୨୧୩ |
| ୨ । | ଗୁରୁଦେବ ! ଏତେ ମିନତି ଘେନ | ୨୧୪ |
| ୩ । | ବିରହ ଅନଳେ ଦହନ ମନାସେ | ୨୧୬ |
| ୪ । | ନାହିଁ ଆନ ଶରଣ ଅଗତିର ତାରଣ | ୨୧୭ |
| ୫ । | ଦୀନବନ୍ଧୁ ନାମ ଯେବେ ବହିଛ ତୁମେ ଠାକୁର ! | ୨୧୮ |
| ୬ । | ଆଶ ମୋର ଯେତେ ଶେଷ ହେଲେ ସତେ | ୨୧୯ |
| ୭ । | ତବ ନାମ ମାନସ ମୋହନ ହେ | ୨୨୦ |
| ୮ । | ସେ ଚରଣ ତଳେ ଆଜି ମାଗେ ଶରଣ | ୨୨୧ |
| ୯ । | ଜଣାଉଛି ଆହେ ପ୍ରିୟ ମୋର | ୨୨୨ |
| ୧୦ । | ଜୟ ଜୟ ଶ୍ରୀଗୁରୁ କରୁଣାମୟ ହେ | ୨୨୩ |

## ନିବେଦନ


୧ । ମୋର ମନର ଗୁହାରି ଶୁଣ ଜଗତ-ଜୀବନ ! ୨୨୭
୨ । ଭିଖ ଦିଅ, ଭିଖ ଦିଅ, ଭିଖାରୀରେ ଭିଖ ଦିଅ ୨୨୮
୩ । ଏତିକି ମାଗୁଣି ଖାଲି ୨୩୦
୪ । କେତେ ଦିନେ ଘୁଞ୍ଚିବ ଏ ମାୟା-ମୋହ ଘୋର ୨୩୧
୫ । ମୋର ପଦେ ଖାଲି ପଦରେ ଗୁହାରି ୨୩୨
୬ । ପଦେ ମୋ ଗୁହାରି ଘେନ ମାଗୁନାହିଁ ଧନଜନ ୨୩୩
୭ । ଭିଖ ଥାଳି କରେ ଧରି ଆସିଛି ଦୀନ ଭିଖାରୀ ୨୩୪
୮ । ଦୟାନିଧି ହେ ! ମନ ଗୁହାରି ଘେନ ୨୩୫
୯ । ଚରଣେ ପ୍ରଣତି ଘେନ ମାନସ ମୋହନ ହେ ! ୨୩୬
୧୦ । ମନର ଠାକୁର ! ଆଜି ମନ କଥା ଘେନାକର ୨୩୭


## ମନଶିକ୍ଷା


୧ । ଗାଆ, କଣ୍ଠ ମିଳାଇ ଗାଆ ରେ ୨୪୧
୨ । ଥରେ ଆପଣାର ତା'ରେ କର ୨୪୨
୩ । ଭବ ଘନ-ଘୋର ଅନ୍ଧାର ୨୪୪
୪ । ଦେହ ପଞ୍ଜୁରୀରେ ମନ-ଶାରୀରେ ୨୪୫
୫ । ମିଛେ ବସି କାହିଁକି ତୁ ଭାବୁ ରେ ମନ ! ୨୪୬
୬ । ରସନା ! ଗୁରୁ ବିନେ ଆନେ ରସ ନା ୨୪୭
୭ । ଭୁଲା ମନ ! ଥରେ ଅନା ଫେରାଇ ନୟନ ୨୪୮
୮ । ମାନ ମନ ! ପୂଜ ତୁ ଶ୍ରୀଗୁରୁ ଚରଣ ରେ ୨୪୯
୯ । ଗୁରୁ ପଦେ ମାଗ ରେ ଯାଇ ୨୫୦
୧୦ । କି କରି ହେବୁ ରେ ପାରି ଭବ-ସାଗର ୨୫୧




## ମହିମା ଗାନ


୧ । କହ ବନ୍ଧୁ ! ମୋତେ ସତେ କେତେ ସୁଖ ପାଅ ୨୫୫
୨ । ଡର କାହିଁକି ରେ କରୁଥାଉ ଶମନରେ ୨୫୬
୩ । ମନ ଭ୍ରମରାରେ, ମନ ଭ୍ରମରା ୨୫୭
୪ । ଚିହ୍ନାଜଣା କଳପନାର ତ ତୁମେ ବାହାର ୨୫୯
୫ । ଯେ ଦିନୁ ଦେଇଛି ସର୍ମି ତୁମ ପଦେ ମନ ୨୬୧
୬ । ଗୁରୁ ଏକା ପତିତପାବନ ୨୬୩
୭ । ଏ କି ଦେଖିଲା ଆଖି ୨୬୪
୮ ତୁମ ସମାନ କେହି ନାହିଁ, ନାହିଁ ତ ୨୬୫
୯ । ଗୁରୁ ପଦ ରାଜୀବ, ସେବରେ ମୂରୁଖ ଜୀବ ୨୬୬
୧୦ । ଯହିଁକି ଯା' ସାଜେ ଭଲ ୨୬୭


## ନାମ-ମାହାତ୍ମ୍ୟ


୧ । ଡରି ମରୁ କାହିଁକି ରେ ବାଉଳା ମନ ୨୭୧
୨ । ହରି ବୋଲ ମନ ବୋଲ ହରି ୨୭୨
୩ । ଗୁରୁନାମ ରଟ ରେ ମନ ୨୭୩
୪ । 'ଜୟଗୁରୁ' 'ଜୟଗୁରୁ' ନାମ ଗାଅ ୨୭୪
୫ । ମନ 'ଜୟଗୁରୁ' 'ଜୟଗୁରୁ' ବୋଲ ୨୭୫
୬ । ଗୁରୁ ନାମ ଗାଇ ମନ ତାଳେ ତାଳେ ନାଚ ରେ ୨୭୬
୭ । ନାମ ଭଜନ କର ମନ ୨୭୭
୮ । କିଏ ନେବ ରେ ସୁଧା ନାମ-ରସ, ଆସ ୨୭୮
୯ । ଜାଣି ନ ଥିଲି ମୁହିଁ ତ ନାମଟି ଏଡେ ମଧୁର ୨୭୯
୧୦ । କର ମନ, ନାମ ରତନ କଣ୍ଠ ହାର ୨୮୦

## ଆତ୍ମାନୁଚିନ୍ତା

୧ । ମନୁଆଁ ! ବିଚାର ତ ନ କଲୁ ତୁ ଦିନେ ୨୮୩
୨ । ଆଖି ଆଗେ ବଢ଼ି ନଈ ୨୮୪
୩ । ଚରଣ ତଳେ ତବ ଶରଣ ମାଗେ ନିତି ୨୮୫
୪ । ଆପଣାର କରି କିଏ ସେ ଚାହିଁବ ମୋତେ ୨୮୬
୫ । ବାଉଳା ମନ, ଏଣେ ତେଣେ ବୁଲୁ ଅକାରଣ ୨୮୭
୬ । ମରମ ବେଦୀରେ ତୋର ଆଉ ଜଣେ ଅଛି ବସି ୨୮୮
୭ । ଅଚିହ୍ନା ଜଣକ କିଏ ? ୨୮୯
୮ । ଏ ବାଉଳା ! ଚିହ୍ନି ରଖ ଅନାଥର ସେ ଯେ ନାଥ ୨୯୦
୯ । ବିଚାରୁ ତୁ ବଇରାଗୀ ହେବୁ ୨୯୧
୧୦ । କଥା ଦେଇ, ଦେଉଛୁ ପାସୋରି ୨୯୨

## ଆକ୍ଷେପ

୧ । ଦିନେ ହେଲେ ଥରେ ମିଳନ ତୁମର ୨୯୫
୨ । କଳି ତ ନ ପାରେ, ସତେ ଦୀନବନ୍ଧୁ ୨୯୬
୩ । ଜନମୁଁ ମରଣ ଭଲ ୨୯୭
୪ । ଏ କି ବିପରୀତ, ବୁଦ୍ଧି ପାଉନାହିଁ ୨୯୮
୫ । ଦୀନବନ୍ଧୁ ! ତୁମେ ତ ନ ଦିଅ ଧରା ୨୯୯
୬ । ପଚାରୁଛି ପଦେ କଥା ଶ୍ରୀଛାମୁରେ ୩୦୦
୭ । କି ଫଳ ସାଧନେ, କି ଫଳ ଭଜନେ ୩୦୧
୮ । ଦୟାସାଗର ବୋଲାଉଛ, କି କରି ୩୦୨
୯ । କାହିଁକି ଏ ଛଳ, କହ ପ୍ରିୟବର ୩୦୪
୧୦ । ଜଣାଉଛି ଯୋଡ଼ି କର ହେ ଠାକୁର ! ୩୦୫



ଜୟଗୁରୁ

### ପ୍ରଣତି-ଶତକ (ଦ୍ୱିତୀୟ ଉଚ୍ଛ୍ୱାସ)

# ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ

ସଂସାର-ବୃକ୍ଷମାରୁଢାଃ ପତନ୍ତି ନରକାର୍ଣ୍ଣବେ ।
ଯେନୋଦ୍ଧୃତମିଦଂ ବିଶ୍ୱଂ ତସ୍ମୈ ଶ୍ରୀଗୁରବେ ନମଃ ॥

ଶ୍ରୀଶ୍ରୀଠାକୁରଙ୍କ ଅପାର କରୁଣାବଳରୁ 'ପ୍ରଣତି ଶତକ ଦ୍ୱିତୀୟ ଉଚ୍ଛ୍ୱାସ'ର ଦ୍ୱିତୀୟ ସଂସ୍କରଣ ବିଶେଷ ପରିସ୍ଥିତିରେ ପୁନର୍ମୁଦ୍ରିତ ହୋଇ ପ୍ରକାଶିତ ହେଲା । ସଂଘରେ ପ୍ରଥମେ ଶ୍ରୀଶ୍ରୀଠାକୁରଙ୍କ ପୂଜା, ଆଲୋଚନା ଓ ସଂଘାଧିବେଶନ ସମୟରେ ଉତ୍କଳୀୟ ଭାଷାରେ ସଂଗୀତଗାନର ଆବଶ୍ୟକତା ଶ୍ରଦ୍ଧେୟ ବନମାଳୀ ଦାଶ ଭାଇ ଓ ଈଶ୍ୱର ସାହୁ ଭାଇଙ୍କ ଦ୍ୱାରା ରଚିତ ଗାନଗୁଡିକ ପୂରଣ କରିଥିଲା । ତାହା ସବୁ ସଂଗୃହୀତ ହୋଇ 'ନିଗମ-ଲହରୀ' ପୁସ୍ତକାକାରରେ 'ନୀଳାଚଳ ସାରସ୍ୱତ ସଂଘ' ପକ୍ଷରୁ ପ୍ରକାଶିତ ହୋଇଥିଲା ।

ପରବର୍ତ୍ତୀ ଅବସ୍ଥାରେ ସଂଘାଧିବେଶନମାନଙ୍କରେ ଓ ବିଭିନ୍ନ ସ୍ଥାନରେ ଭକ୍ତମାନଙ୍କ ସମାବେଶରେ ଆଲୋଚନାର ପରିସର ବୃଦ୍ଧି ସଙ୍ଗେ ସଙ୍ଗେ ନୂତନ ଚିନ୍ତାଧାରାକୁ ଅବଲମ୍ବନ କରି ସୁଲଳିତ ସଂଗୀତମାନ ପ୍ରଧାନତଃ ଆମର ଶ୍ରଦ୍ଧେୟ ଗୁରୁଦାସ ଭାଇ (କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ)ଙ୍କ ଦ୍ୱାରା ରଚିତ ହୋଇ 'ସଂଘସେବକ'ର

(୧)

ନିଦ ଭାଙ୍ଗ, ରାତି ତ ହେଲା ପାହାନ୍ତି ॥୦॥
ଫସର ପାଟିଲା ନିଶା
ରବି ମାରେ ଦରହସା
ବସା ଛାଡ଼ି ଡାକ ଦେଇ ପକ୍ଷୀ ଉଡ଼ି ଯାଆନ୍ତି ॥୧॥

ପୂରୁବ ମେଘ କାନ୍ଥିରେ
ରଙ୍ଗ କିଏ ବୋଳିଛି ରେ
ସୁଲୁ ସୁଲୁ ତୋରା ବାଆ ଦେହସାରା ଛୁଅଁନ୍ତି ॥୨॥

ଆଉ ତୁ ମଠ ନ କର
ଶେଯରୁ ଉଠି ଜୁହାର
ତିନି ଭୁବନ ଯାହାର ପାଆ ତଳେ ଲୋଟନ୍ତି ॥୩॥

ପର, ଆପଣା ବିଚାର
ମନରୁ ତୋର ପାସୋର
ସୁରରେ ସୁର ମିଶାଇ ଗାଅ ଶୁଭ-ପ୍ରଭାତୀ ॥୪॥

ଆଣ ସଜ ଫୁଲ ତୋଳି
ମନ ଦେଇ ଗୁନ୍ଥି ମାଳି
ଠାକୁରଙ୍କୁ ଭେଟି ଦେଇ, ଜଣାଅ ରେ ପ୍ରଣତି ॥୫॥

❖

## (୨)

'ଜୟଗୁରୁ' ବୋଲି ଗାଅ କଣ୍ଠ ମେଲି
ପାହିଛି ଅନ୍ଧାର-ରାତି
ଅଙ୍ଗରେ ଯାହାର ନିଶି ଘୁମ ଘୋର
ବିତାଇଛ ସୁଖେ ମାତି ॥୦॥

ଦେଇଛି ଯେ ଏବେ ତନୁ-ମନ ଛୁଇଁ
ଅଚେତ-ଅଙ୍ଗରେ ଚେତନା ଜଗାଇ
ଦିଅ ରେ ହୃଦୟ-ମନ୍ଦିରେ ତା' ଲାଗି
କମଳ-ଆସନ ପାତି
ଚରଣରେ ତା'ର ନୁଆଇଁ ମଥାକୁ
ଜଣାଅ କୋଟି ପ୍ରଣତି ॥୧॥

ମାଗ ବରାଭୟ କରୁଣା-ନିଧାନେ
ମତ୍ତ ହୁଅ ନାମ-ସୁଧାରସ ପାନେ
ଅକଳନ ଯା'ର ଆଶିଷର ଧାର
ଝରେ କିବା ଦିନ-ରାତି
ଅରପ ଭକତି ତାହାରି ଚରଣେ
ସେହି ଏକା ଜୀବ-ଗତି ॥୨॥

❖





## (୩)

ଆଉ କେତେ କାଳ ଥିବୁ ଘୁମାଇଁ ରେ ?
ପୂରୁବ ଗଗନେ ଅନାଁ, ରବି ଆସେ ଉଇଁ ॥୦॥
ମୋହ-ନିଦ ତୁଟୁ ନାହିଁ
ମୁଦା ଆଖି ଫିଟୁ ନାହିଁ
ମାୟାର ସପନ ତେଜି ଜାଗ ବେଗ ହୋଇ ॥୧॥
ଆଖି ମେଲି ଦେଖ ଚାହିଁ
କାହାର ମୂରତି ସେହି
ନିଖିଳ ଭୁବନେ ଯା'ର ହସ ଝଲସଇ ॥୨॥
ସକଳ ମଙ୍ଗଳ ଦାତା
ସେହି ରେ ବିଶ୍ୱ କରତା
ସବୁରି ଶୁଭ ମନାସି ସେ ଯେ ବିଳସଇ ॥୩॥
ସେ ତ ଅଗତିର ଗତି
ତା' ପୟରେ ଢାଳି ମତି
ଜୀବର ସେବାରେ ଦିଅ ଜୀବନ ବିତାଇ ॥୪॥
ଜାଗି ତୁ ଜଗାଅ ଭବ
ବିତର ପ୍ରେମ-ବିଭବ
ଜଗତର ହିତ ସାଧି ହୁଅ କାଳ-ଜୟୀ ॥୫॥
ମାନସ-ସୁମନ ତୋଳି
ଭକତିରେ ଗୁନ୍ଥି ମାଳି
ଅରପ ତୁ ନିଉଛାଳି, ବିଭୁପଦ ଧ୍ୟାୟି ॥୬॥

❖

(୪)

ଆଜି ଏ ଶୁଭ ପ୍ରଭାତେ, କଣ୍ଠ ଭରି
ଗାଅ ରେ ସରବେ ମିଳି, ସୁଧା ନାମଟି ତାହାରି (କଣ୍ଠ ଭରି) ॥୦॥

କାମନା-ବାସନା ଯେତେ
ଭସାଇ ସଲୀଳ ସ୍ରୋତେ
ଡାକ ତୁ ଅନ୍ତରଗତେ, ସେ ନାମ ସୁମରି ॥୧॥

ତୋଳି ମାନସ-କୁସୁମ
ଗୁନ୍ଥି ହାର ଅନୁପମ
କଞ୍ଜ-ନିନ୍ଦି ପଦେ ତାର, ଭେଟ ମାୟା ଭୁଲି ॥୨॥

ଶୁଣ କାନ, ମନ ଦେଇ
ଏ କି ଶବଦ ଶୁଭଇ
ଗଗନ, ପବନ, ଜଳ, କାନନ ସଞ୍ଚରି ॥୩॥

ରବିରେ ତେଜ ଝଲସେ
ଶଶିରେ କର ବିଲସେ
ଚଉଦିଗେ ଛବି ତା'ର ରହିଛି ତ ପୂରି ॥୪॥

ତା' ବିନା ନାହିଁ କେ ଗତି
ତା' ବିନେ ନାହିଁ ମୁକତି
ପଲକେ ହେଲେ ମନରୁ, ନ ଦିଅ ପାସୋରି ॥୫॥

❖





(୫)

ଆସି ଅରୁଣ ପୂରୁବେ ଉଇଁଲା
ବିହଗ ଡାକରେ ନିଶି ଶେଷ ହେଲା ॥୦॥

ସୁମନେ ତୋଳି ସୁବାସ ସୁମନ
ଶୁଭ ଦିନେ ଆଜି ଗୁରୁଚରଣ
ସେବିବା ସରବେ ସମରପି ମାଳା ॥୧॥

'ଜୟଗୁରୁ', 'ଜୟଗୁରୁ' ରଟରେ
ସରଜି ସରାଗ ପ୍ରୀତି ଚିତ୍ତରେ
ଗୁରୁ ଏକା ଭବ-ଜଳଧିର ଭେଳା ॥୨॥

ଏ ଜୀବନେ ଗୁରୁକୃପା କେବଳ
ଜନମେ, ମରଣେ ସେହି ସମ୍ବଳ
ନ ହୁଅ ମାୟାରେ ଭରମି ବାଉଳା ॥୩॥

❖

(୬)

ଅମା ନିଶି ହେଲା ପରଭାତ
ଧରା ସାରା ଆନନ୍ଦରେ ଏବେ ପୁଲକିତ ରେ ॥୦॥

ଫୁଲ ମୁଖେ ହସ ଖେଳେ
ଧୀର ସମୀରେ ଦୋହଲେ
ବିହଗ କଣ୍ଠରେ ଶୁଭେ ପ୍ରଭାତୀ-ସଂଗୀତ ରେ ॥୧॥

ନୟନ-ପଲକ ମେଲ
ହୃଦୟ-ଦୁଆର ଖୋଲ
ଅନାଅଁ ଜଗତ-ଜନ, ଜ୍ୟୋତି ବିରାଜିତ ରେ ॥୨॥

ଅମଳିନ ତେଜ ଭରା
ହେର ସାରା ସମଗରା
କାଳିମା ଲୁଚିଲା ଏବେ ଗାଅ ଜୟ ଗୀତରେ ॥୩॥

ଆଉ ନ ରହ ଘୁମାଇ
ନବୀନ ଆଲୋକ ପାଇ
'ଜୟଗୁରୁ' ନାମ ଘୋଷି, ହୁଅ ତୁ ଉଷତ ରେ ॥୪॥

❖





(୭)

ନିଶି ହେଲାଣି ପାହାନ୍ତି, ଜାଗ ଜଗଦ୍‌ବାସୀ
ଶେଯ ତେଜ, ନଭେ ରବି ଚାହିଁଲାଣି ହସି ॥୦॥

ନୀଡ଼ ତେଜି ବିହଙ୍ଗମ
ରଟେ ପ୍ରଭାତ ଆଗମ
ପୂଜେ ନବ ରବି ସରେ କମଳ ବିକଶି ॥୧॥

ଧିଆନ-ନୟନେ ହେର
ଅପରୂପ ତେଜ ତାର
ସେ ଯେ ଗୁରୁବ୍ରହ୍ମ ବିଜେ କଲ୍ୟାଣ ବରଷି ॥୨॥

ଗୁରୁ ଏକା ଜୀବ ଗତି
ରଖ ସେ ଚରଣେ ମତି
କର ଗୁରୁ ଦରଶନ 'ଜୟଗୁରୁ' ଘୋଷି ॥୩॥

❖

(୮)

ଜାଗ ରେ !
ଅମୃତ ସନ୍ତାନ ବେଗେ ଜାଗ ॥୦॥

ଚେଇଁ ଥାଇ ତୁ ଯେ ନିଦରେ ବିଭୋର
ତଳମୁଖଗାମୀ ଚେତନା ତୋହର
ଏଥି ଲାଗି ସିନା ହରାଇ ବସିଛୁ
ଊର୍ଦ୍ଧ୍ୱର ଅନୁରାଗ ॥୧॥

ଚେତନା ଦୀପ୍ତିରେ ହୁଅ ଜାଗରିତ
ଅମୂଲ୍ୟ ଜୀବନ ହେଜ ରେ ସତତ
ଘୁମରେ ନ ଭୁଲି ଚେତନା ଧିଆନେ
ଲକ୍ଷ୍ୟ ସାଧନେ ଲାଗ ॥୨॥

ସକଳ କରମେ ହୁଅ ଏକମୁଖୀ
ଶତ୍ରୁରୂପୀ ମୋହ-ନିଦ୍ରା ଦୂରେ ରଖି
ଦୁର୍ଲ୍ଲଭ ତେବେ ରେ ନ ହୋଇବ କେବେ
ସେ ପଦ ପରଶ ସଙ୍ଗ ॥୩॥

❖





(୯)

ଜଗାଅ ରେ ଗଗନ, ଭୁବନ, ପବନ
କରି 'ଜୟଗୁରୁ' 'ଜୟଗୁରୁ' ନାମ ଗାନ ରେ ॥୦॥

ଅମା ଅନ୍ଧାରିଆ ରାତି
ଫସର ଫାଟିଲା
କୁଆଁତାରା ନୂଆ ହସ
ମାଖି ଝଟକିଲା
ନୂଆ ନୂଆ ଫୁଲ ଫୁଟି ଛାଇଲା କାନନ ରେ ॥୧॥
ମଠ କର ନାହିଁ ଆଉ
ଉଠ ରେ ସହଳ
ଦୁନିଆଁ ଦୁଆରେ ବେଗେ
ପକାଅ ଚହଳ
ଅଳସ ବରଜି କର କରମ ସାଧନ ରେ ॥୨॥
ଶେଯରୁ ଉଠି ତୁ କର
ଗୁରୁଙ୍କୁ ପ୍ରଣାମ
ଅପସରି ଯିବେ କାହିଁ
ଷଡ଼ ରିପୁଗଣ
ଘୁଞ୍ଚିବ ରେ ଅନ୍ଧକାର ହେବ ନବ ଦିନ ॥୩॥

❖

(୧୦)

ମିଛେ ନ ରହ ଆଉ ଘୁମାଇଁ
ମାୟା ନିଶାରେ ବିଭୋର ହୋଇ ॥୦॥

ଅନାଆଁ ରେ ଉଷା ପୂରୁବ ଘନେ
ଜାଗି, ଜଗାଇଲା ଜଗତ ଜନେ
ରବି ପରକାଶି ତମସା ବିନାଶେ
ଉଠିଲେଣି ପକ୍ଷୀ ମଙ୍ଗଳ ଗାଇ ॥୧॥

କୁସୁମ ବଦନେ ହସ ବିକାଶ
ଅଳି ଗାଏ କରି ମଧୁରେ ଆଶ
ଶୁଣ କାନ ଡେରି, କଣ୍ଠରୁ ସବୁରି
ଶୁଭେ ଜୟଗୀତି ଦିଗ ନଚାଇ ॥୨॥

ଏ କାଳେ ନ ଶୁଅ ଆଉ ବାଉଳା !
ମନ ଦୁଆର ତୋ କରି ମୁକୁଳା
ସଜାଅ ବହନ ଚିତ୍ତ-ସିଂହାସନ
ଡାକ 'ଜୟଗୁରୁ' କଣ୍ଠ ଭରାଇ ॥୩॥

ସେହି ଏକା ସାଥୀ ଜୀବନେ ତୋର
ଘୁଞ୍ଚାଇବେ ମାୟା ମୋହ ଅନ୍ଧାର
ଗୁରୁଦାସ ପଣେ ତାଙ୍କ ଶ୍ରୀଚରଣେ
କର ଯୋଡ଼ି ମାଗ କରୁଣା ତୁହି ॥୪॥

❖



## ଅଭିଳାଷ

'ଅଭିଳାଷ' କର ସାର ରେ ମନୁଆଁ !
'ଅଭିଳାଷ' କର ସାର
ମନ-ସାଧ ହେଉ ତୋର ରେ ମନୁଆଁ !
ଗୁରୁ-କୃପା ଲଭିବାର ॥

(୧)

କେଡ଼େ ଭାଗ୍ୟ ସତେ          କାହିଁ ପ୍ରିୟ ମୋର
ହୃଦୟ-ଆସନ ପାରି
ମୂରତି ତୁମରି          ଥାପିବି କି କରି
ଚରଣ ପଖାଳି ସାରି ॥୦॥

ମୁଦି ନୟନ ମୋର ନିଶି ଦିନ ହେବି ଭୋଳ
ଭବ ଜଞ୍ଜାଳ ପାସୋରି
ମାନସ-ପଟରେ ଆଙ୍କିବି ବିଧିରେ ସେଇ ଛବି କମନୀୟ
ସଫଳ ହେବ ଏ ଜୀବନଟା କରି ଜପ, ତପ, ଧ୍ୟାନ, ଲୟ
ମୋର ଏତିକି ଆଶ
ଦୟାମୟ ! ନ କର ହେ ନିରାଶ
ଅମଳ କମଳ-ଚରଣ ତଳରେ
ଅଧମର ଘେନା କର ଗୁହାରି ॥୧॥

ଲୁଚି ଶୁଣୁଥିବି ଦୂର ମୁରଲୀର ମୋହନ ମଧୁର ନାଦ
ଦୂର ହେବ ମୋର ଜନମ ଜନମ କାନ-ମନର ବିବାଦ
ଗୁନ୍ଥି ପ୍ରେମ-ସୁମନ
ଗଳେ ଘେନାଇବି କରି ଯତନ
ଆପଣାରେ ଚିର ପାସୋରା ହୋଇ ମୁଁ
ପାଗଳ ହୋଇବି ସେ ରୂପ ହେରି ॥୨॥

❖

(୨)

କେବେ ସେ ଦିନ ସତେ ଆସିବ ରେ ?
ଅବଗାହିବି ପ୍ରେମ-ସିନ୍ଧୁ ନୀରେ ॥୦॥

ଆନନ୍ଦେ ମତ୍ତ ହୋଇ
ଶ୍ରୀଗୁରୁ-ନାମ ଗାଇ
ଦ୍ୱାରେ ଦ୍ୱାରେ କରିବି ଭ୍ରମଣ ରେ ॥୧॥

ଭେଟି ସର୍ବସ୍ୱ ମୋର
ହୋଇ ଚିର କୋୟର
ଅନୁରାଗେ ସେବିବି ଚରଣ ରେ ॥୨॥

ହେରିବ ଏ ନୟନ
ସତତ ପୁଣ୍ୟ-ଧାମ
ଗୁରୁ-ବାଣୀ ଶୁଣିବ ଶ୍ରବଣ ରେ ॥୩॥

❖





(୩)

ନିରାଶ ନ କର ଆଜି ଦୟାଳୁ ଠାକୁର ହେ !
କରୁଣା କଣାଏ ମାଗେ ପାତି ବେନି କର ହେ ॥୦॥

ଯେ ଦାନ ଦେଇଛ ଭରି
ସୁଝିବି ମୁଁ କିପରି ?
ପ୍ରତିଦାନେ ପ୍ରେମ-ବାରି ପଦେ ଘେନା କର ହେ ॥୧॥

ଶୟନରେ, ସ୍ୱପନରେ
ସେ ମୂରତି ନୟନରେ
ହେରି ବେନି ଆଖି ମୋର ହେଉ ଶୁଦ୍ଧ ଚିର ହେ ॥୨॥

ସନ୍ତାନର ଦୋଷ ରାଶି
କ୍ଷମା କର ଅବିନାଶୀ
ଏତିକି ମାତର ପ୍ରଭୁ ଆଶା ଏ ମନର ହେ ॥୩॥

❖

(୪)

ଜୀବନରେ ଖାଲି ଚାହୁଁ ତ ନାହିଁ ମୁଁ
ମରଣେ ତୁମକୁ ଚାହୁଁଛି
ଧନ, ଜନ, ପଦ ଲୋଡ଼ା ନାହିଁ କିଛି
ଚରଣେ ଶରଣ ମାଗୁଛି ॥୦॥

ଏକା ଏକା ମୁହିଁ ଏ ସାରା ସଂସାରେ
ନାହିଁ ନାହିଁ କେହି ଆଗରେ ପଛରେ
ଛାଇ ଛାଇ ଖାଲି ଅନ୍ଧାର ଏ ଘରେ
ଏ ଆଖିକୁ ମୋର ଦିଶୁଛି
ପାଶେ ପାଶେ ତୁମେ ଅଛ-ତୁମେ ଅଛ
ତୁମ ଲାଗି ଏକା ଜୀଇଁଛି ॥୧॥

ଲୁଚି ଲୁଚି ଆଉ ନ ରହ ଠାକୁର !
ଦୂରେ ଦୂରେ ଘୁଞ୍ଚ ନ ବସ ଏଥର
ଆସ ଆସ ହୃଦ-ମନ୍ଦିରେ ବସ
ଆସନ ମୁଁ ପାତି ରଖିଛି
ବାର ବାର ପଦେ ପ୍ରଣତି, ମିନତି
ନିଶି ଦିନ ଜଣା କରୁଛି ॥୨॥

❖





(୫)

କେ ଜାଣେ ଏ ବେଳ ଆଉ ମିଳିବ କି ନାହିଁ ରେ
ଆସ ରେ ସରବେ ଗୁରୁ ପଦସେବା ପାଇଁ ରେ ॥୦॥
ଅଚିର ତ ଏ ସଂସାର
କେ ଜାଣି କେବେ କାହାର
ଡାକରା ଆସିବ ଯିବା ପାଇଁ, ଜଣା ନାହିଁ ରେ ॥୧॥

ବେଳହୁଁ ମନରେ ଚେତ
ଗୁରୁ ସତ୍ୟ, ଗୁରୁ ନିତ୍ୟ
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ, ଗୁରୁ ପ୍ରାଣ-ସାଇଁ ରେ ॥୨॥

ବ୍ୟଥିତ ତାପିତ ଜନ
ତାରଣ ଏକା ସେ ନାମ
ଅଖଣ୍ଡ ମଣ୍ଡଳାକାରେ ଚରାଚରେ ଥାଇ ରେ ॥୩॥

ମରଣର ଡର ଛାର
ହୋଇବ ମର-ଜନର
ଅମୃତ-ସନ୍ତାନ ହୁଅ, ଗୁରୁପଦ ଧ୍ୟାୟି ରେ ॥୪॥

ଗୁରୁ-ଦାସ କହେ ଭାଇ
ଚିନ୍ତା ନାହିଁ, ଚିନ୍ତା ନାହିଁ
ଗୁରୁ ନାମ ସୁମରଣେ ଭବ ତରି ଯାଇ ରେ ॥୫॥

❖

(୬)

ଘେରାଇ ଦେଲେ ଦିଅ, ଦୁଃଖର ଅମାଘନ
ବିପଦ-ବନ୍ଧୁ ଦିଅ ଦରଶନ ॥୦॥

ନିଜେ ସଢି ଦୁଃଖରେ
ଦୁଃଖୀ ଲାଗି ଶୋକରେ
କାତର ହେଉ ପ୍ରାଣ ଅନୁଦିନ ॥୧॥

ଯେତେ ଲିହିଲେ ହେଲେ
ଦୁରୁଦିନ ମୋ ଭାଲେ
ନ ହେଉ ଅଧୋଗାମୀ ଏ ମୋ ମନ ॥୨॥

ମାୟା-ସାଗରେ ବୁଡ଼ି
ନ ଯିବି ପଥ ହୁଡ଼ି
ମଣି ସକଳ ତବ ଦୟା ଦାନ ॥୩॥

ଯାହା ବିଧାନ କର
ଶୁଭ ପାଇଁ ତ ମୋର
ତୁମେ ମଙ୍ଗଳମୟ, ଥାଉ ଜ୍ଞାନ ॥୪॥

❖





(୭)

ତୁମ ବିନେ ହେ ଗୋସାଇଁ !
ମୋର ତିନି ଜଗତେ କେ ନାହିଁ ନାହିଁ
ରଖ, ମାର ତୁମ ମନ
ଏତେ ଜଣାଉଛି ପଦେ ମଥା ନୋଇଁ ॥୦॥

ଜନମ ମରଣ ମୋର
କୋଳରେ ଏକା ତୁମର
ତୁମ ତୁଲେ ଖେଳ ବୁଲ
ତୁମେ ଏକା ସିନା ମାଆ, ବାପ, ଭାଇ ॥୧॥

ଆଖି ତୁମ ରୂପ ଚାହେଁ
କଣ୍ଠ ତୁମ ଗୁଣ ଗାଏ
ମୁଖ ତୁମ କଥା କହେ
ମନ, ମଥା ସଦା ତୁମ ଲାଗି ବାଇ ॥୨॥

ପଢ଼ିଲେ ତୁମରି କଥା
ଆଉ ସବୁ ଲାଗେ ପିତା
ପଳାଏ ସଂସାର ଚିନ୍ତା
ମୋଦେ ପୁଲକି ଉଠଇ ସାରା ଦେହୀ ॥୩॥

ମୋର ମୋର ବୋଲେ ଯାହା
ସବୁ ତ ତୁମରି ଦିଆ
ମୋର ଏକା ତୁମ ପାଆ
ସତେ ଅସରା କୁବେର ଧନ ସେହି ॥୪॥

ମାଗୁଣି ଶୁଣ ଠାକୁର !
ନ କରିବ କେବେ ପର
ଏ ମିଳନ ରହୁ ଚିର
ମୋର ଜୀବନ ମରଣ ସାଥୀ ହୋଇ ॥୫॥

❖





(୮)

ଜୀବନେ-
ଆସିବ କେବେ ସେ ଦିନ ରେ ?
ଜ୍ଞାନ-ଅଞ୍ଜନ ଲେପି ହୋଇଯିବ ଏ ଯୋଡ଼ା ଅନ୍ଧ ନୟନରେ ॥୦॥

ଏ ମନ, ପରାଣ ହେବ ନିରିମଳ
ପାନ କରିବ ରେ ଭକତିର ଜଳ
ରଟୁଥିବି ଗୁରୁ ନାମଟି କେବଳ, ଭୁଲି ନିଶି ଅବା ଦିନ ରେ ॥୧॥

ଚରାଚର ଗୁରୁ ରୂପ ବିଳସିବ
ଲୁହାର ଏ ଦେହ ସୁନା ପାଲଟିବ
ସେ ପରଶମଣି ପରଶ ଲଭିବ, ତେଜି ମାନ ଅଭିମାନରେ ॥୨॥

ଭକତ ପଦର ଧୂଳି ବୋଲି ହେବି
ବଇରାଗ୍ୟ-ଝୁଲି ଗଳେ ଝୁଲାଇବି
ସାରା ଜଗତର ଶୁଭ ମନାସିବି, ଭୁଲି ନିଜ-ପର ଜ୍ଞାନ ରେ ॥୩॥

❖

(୯)

ଟାକି ରହିଛି ରେ, ସେ ଦିନକୁ ପୋଡ଼ା ଆଖି
ପବିତ୍ର ହୋଇବ କେବେ ଶୁଭ ଯୋଗେ
ସେ ବେନି ଚରଣ ଦେଖି ॥୦॥

ସୁର, ନାଗ, ନର, ଚରାଚର
ଲୋଡ଼େ ହେରିବାକୁ ଯା' ପୟର
ନିଗମ ଭଜନ କରେ ଯୋଗୀଜନ
ଅନ୍ତରେ ଯା' ନାମ-ସୁଧା ଚାଖି ॥୧॥

ଚଞ୍ଚଳ ଏ ଚିତ୍ତ ନିରନ୍ତର
କେବେ ସତେ ଆଉ ହେବ ଥିର
ସୁମରି ସେ ପଦ ମୁଦିଲେ ନୟନ
ଦେଖୁଥିବ କମ ଠାମ ଟିକି ॥୨॥

ମୂଳ ହେବ ମନେ ବଇରାଗ୍ୟ
ଛି ଛି କରିବି ମୁଁ ଭବଭୋଗ୍ୟ
ବାସନା, କାମନା ତୁଚ୍ଛ କଳପନା
ଅପସରି ଯିବ ଶଙ୍କି ଶଙ୍କି ॥୩॥

ହୋଇବି ସବୁରି ଆପଣାର
ସରବେ ହୋଇବେ ପ୍ରିୟ ମୋର
'ଅହଂ' ଉଭାଇବ 'ସୋଽହଂ' ସାର ହେବ
ସେ ପଦେ ପରାଣ ଦେବି ବିକି ॥୪॥

❖





(୧୦)

ନାଥ ! ମନର ବାସନା ମୋର
ଆଜି ଶୁଭକ୍ଷଣେ ପୂଜନ କରିବି
ଚରଣ ଯୁଗ ତୁମର ॥୦॥

ହୃଦୟ କବାଟ ମୁକୁଳା ରଖିଛି
ମନ-ମନ୍ଦିରରେ ଆସନ ପାତିଛି
ବୋଲି ଦେବି ଅଙ୍ଗେ ଚନ୍ଦନ ଗୋଳିଛି
ଦୟାମୟ, ବିଜେ କର ॥୧॥

ପଖାଳିବି ବୋଲି ଚରଣ ଯୁଗଳ
ଭରି ରଖିଛି ମୁଁ ନୟନରେ ଜଳ
ଗଳେ ଘେନାଇବି ବୋଲି ଗୁନ୍ଥିଛି ମୁଁ
ଭକତି-ସୁମନ ହାର ॥୨॥

ଦୀନବନ୍ଧୁ ବୋଲି ଘୋଷେ ଚରାଚର
ଏ ଦୀନ ଅଧମ ମାଗେ ଯୋଡ଼ି କର
କରୁଣା-ସାଗର ବିଜେ କରି ଆଜି
ସେବା ମୋର ଘେନା କର ॥୩॥

❖

# ଉଦ୍‌ବୋଧନ

ଭକତରେ 'ଉଦ୍‌ବୋଧନ' ରେ ମନୁଆଁ !
ଭକତରେ 'ଉଦ୍‌ବୋଧନ' -
କରାଇ ତୁ ଅନୁଦିନ ରେ ମନୁଆଁ !
ଜଗାଅ ଭକ୍ତି-ଚେତନ ॥

(୧)

ଆସ ରେ ସରବେ କଣ୍ଠ ମିଳାଇ    କର 'ଜୟଗୁରୁ' ଗାନ ॥୦॥
ଏକ ମାଟିର ସନ୍ତାନ    ଏକ ଜ୍ଞାନ ଏକ ଧାନ
ଏକ ସ୍ଥାନୁ ଆଗମନ    ଏକ ସ୍ଥାନକୁ ଗମନ
ମଝି ବେଳତକ ଆଉ କାହିଁକି ଭେଦ ଭିଆଣ ? ॥୧॥

ଗୁରୁ ନାମ ମୁଖେ ଗାଇ    ଗୁରୁ ନାମ ସୁଧା ପିଇ
ଭଉଣୀ ଭାଇ- ଯେ ଯହିଁ    ହୁଅ ଅବିରତ ବାଇ
ନାମର ଗାୟନ ପୀଠେ ବିଜେ ଗୁରୁ ନାରାୟଣ ॥୨॥

ଜୟ ଜୟ ଗୁରୁଦେବ !    ଜୟ ହେ ଦୀନ-ବାନ୍ଧବ !
ଭବ-ବାରିଧିର ନାବ    ତୁମେ ଏକା ଦେବଦେବ
ଚରଣ ସେବାରେ ଯାଉ ଗୁରୁ-ଦାସର ଜୀବନ ॥୩॥

❖

(୨)

ଆସ, ଆସ

ଆସ, ଉଛୁର ନ କରି ଆସ ରେ, ଆସ, ଆସ !
ପ୍ରେମ-ସରୋବରରେ ଆନନ୍ଦ ମନରେ
ଦିଅ ପ୍ରେମ ଜଳେ ଝାସରେ, ଆସ ଆସ ॥୦॥
ସଙ୍ଗରେ ଘେନି ବନ୍ଧୁ-ସୋଦର
ଯେ ଯହିଁ ଅଛ ରେ ଭକତ ପିତାର
ଜ୍ଞାନ-ଗନ୍ତାଘର ଖୋଲା ଅଛି ତା'ର
ଲୁଟିବା ପୂରାଇ ଆଶ ରେ, ଆସ ଆସ ॥୧॥
ପିତା ଆମର ତ ପତିତ-ପାବନ
ଅଧମ ଜନର ସେ ଏକା ତାରଣ
ପାପର ପଙ୍କରେ ବୁଡ଼ି କିମ୍ପାଇଁ ରେ
ତନୁରେ କାଳିମା ଲେଶ ରେ, ଆସ ଆସ ॥୨॥
ଆମେ ତ ରେ ଏକ ପିତାର ସନ୍ତାନ
ଏକ ଘରେ ବାସ, ଏକ ଆମ ମନ
ଭୁଲି ଭେଦାଭେଦ, ଭୁଲି ଯେତେ ବାଦ
ପିତାର ଶରଣ ପଶ ରେ, ଆସ ଆସ ॥୩॥
ଅପାରଗ ଯେଉଁ ସନ୍ତାନ ପିତାର
ଜାଣନା କି ଲଭେ ଅଧିକ ଆଦର ?
ଆମେ ଯେ ଅଧମ, ଅଯୋଗ୍ୟ ଅକ୍ଷମ
କୋଳାଇ ନେବେ ସେ ପାଶ ରେ, ଆସ ଆସ ॥୪॥
ବିତରିବେ ସେ ଯେ ଆନନ୍ଦ-ଅମିୟ
ଚାଖି, ଏ ଜୀବନ ହେବ ନିରିଭୟ
ଜରା ମରଣର ନ ଥିବ ଖାତର
ତାଙ୍କ ପ୍ରେମ-ଜଳେ ଭାସ ରେ, ଆସ ଆସ ॥୫॥

❖





(୩)

ଆସ ଯେତେ ଯହିଁ ଭକତ-ମଣ୍ଡଳୀ
ଗୁରୁପଦ ପୂଜ ନିଉଛାଳି ହେ ॥୦॥

ବିଜେ କରିଛନ୍ତି ଗୁରୁ ପତିତ-ପାବନ
ନିତ୍ୟ ଧାମେ ଭକ୍ତ ଲାଗି ଅମୃତ ସୋପାନ
ଗଢ଼ିବାରେ ସେ ତ ମହାବଳୀ ହେ(ଭକତ ମଣ୍ଡଳୀ) ॥୧॥

ଏ ଭବ ମାୟା-ବନ୍ଧନୁ ମୁକୁଳିବା ପାଇଁ
ପାପ-ତାପ ହରଣକୁ ଆନ ସାହା ନାହିଁ
ଗୁରୁ ଏକା ଜୀବନ ସଞ୍ଜାଳି ହେ (ଭକତ-ମଣ୍ଡଳୀ) ॥୨॥

ବଜାଇ ପ୍ରେମ-ନାଗରା, ଗାଇ ଗୁରୁ ନାମ
ଏ ମର ଭବ-ଜଳଧି କରି ସନ୍ତରଣ
ଅମର ଧାମକୁ ଯିବା ଚଳି ହେ (ଭକତ-ମଣ୍ଡଳୀ) ॥୩॥

ଧିଆନ-ନୟନେ ହେର ମୂରତି ସୁନ୍ଦର
କୋଟି ରବି ପ୍ରଭା-ଜିତ ତେଜ ମନୋହର
ଡାକ ପିତା-ବନ୍ଧୁ-ଭାଇ ବୋଲି ହେ (ଭକତ-ମଣ୍ଡଳୀ) ॥୪॥

❖

## (୪)

ଅନା ଫେରି ରେ
ଲୁଚି ଆସେ ରବି, ଯାଏ ଦିନ ସରି ରେ ॥୦॥

ଘନ ଅନ୍ଧକାର ଘେରି ଆସେ
ତରୀ ଟଳମଳ ଜଳେ ଭାସେ
ଭବ-ନଦୀ ତରିବାକୁ ଡାକ ନାଉରୀରେ ॥୧॥

ଆଉ ବେଳ ନାହିଁ ରେ ତୋହର
ଆୟୁ-ସୂର୍ଯ୍ୟ ଅସ୍ତମୁଖୀ ହେର
ଚେତ, ଚେତ ମନ ବାଇ ! ମୋହ ପରିହରି ରେ ॥୨॥

ଆଖି ଆଗେ ସେ ଆଲୋକ ଜାଳି
ରାହା ବତାଇ ନେବେ ରେ ଚାଲି
ମୁଖେ ଭରି ସୁଧାଝରି ତୋତେ କୋଳ କରି ରେ ॥୩॥

ଯା'ରେ ମଣୁ ତୁହି ଆପଣାର
ନେବା ସାଥି, ଦେବା ବେଳେ ପର
ବେଳ ଥାଉ ଚେତ, ଚିର-ବାନ୍ଧବେ ସୁମରି ରେ ॥୪॥

❖





Dadra - 6 bit

## (୫)

କଣ୍ଠ ମିଳାଇ ଆସ ରେ ସରବେ
ଡାକ ରେ ପରାଣ-ଧନେ
ଆସିବେ, ନାଶିବେ ଯେତେ ଦୁଃଖ ରାଶି
ପଲକରେ, ଚେତ ମନେ ॥୦॥

ମନ-ମନ୍ଦିର ଦୁଆର ମେଲାଇ
ଭକତିର ଦୀପ ଜାଳି
ଆଣ ପ୍ରିୟତମ ଦେବତାରେ
ଡାକି, ପଦେ ହୋଇ ନିଉଛାଳି ।
ସବୁ ଜଞ୍ଜାଳ ତୁଟିବ ମନରୁ
ଆସିବେ ଯେବେ ସେ ଦିନେ ॥୧॥

ସେ ଯେ ଜୀବନର ସାଥୀ ଚିରକାଳ
ନ ଦିଅ ମନୁ ପାସୋରି
ଡାକିଲା ପରି ତୁ ଡାକିଲେ ଆସିବେ
ସବୁ ଦୋଷ କ୍ଷମା କରି
କିଏ ସେ ନ ଜାଣେ କରୁଣା-ସାଗର
ସେ ଏକା ତିନି ଭୁବନେ ॥୨॥

ମେଘ-ତଳି-ଛୁଆଁ ଦେଉଳ, ଅଟ୍ଟାଳି
ଅବା ହେମ-ସିଂହାସନ
କାହିଁର ସରାଗୀ ନୁହେଁ ସେ ଦେବତା
ଲୋକ ଦେଖା ଏ ଭିଆଣ
ମନ ଦୃଢ଼ କରି ଡାକିଲେ ବସନ୍ତି
ଧିଆନୀ-ମନ ଆସନେ ॥୩॥

❖

(୬)

ଚାଲ ଯିବା ସଭିଏଁ ଗୁରୁ ଦୁଆରେ
ସେ ତ ବାଣ୍ଟୁ ଅଛନ୍ତି ଦୟା-ମୁଆଁ ରେ ॥୦॥
ଆଶିଷ ଆଖୁ ରସ
ରନ୍ଧା ଭାରି ସରସ
ଜଳାଇ ଦୟା ନିଆଁ
ପାଗ ବଡ଼ ବଢ଼ିଆ
ମୁଆଁ ବଳା କରୁଣା-ଲିଆରେ ॥୧॥
ଶୁଣିଲି ଆମ ବାଟ
କରିବାକୁ ଆକଟ
ଛଅ ଜଣ ଭଗାରି
ଅଛନ୍ତି ଖଣ୍ଡା ଧରି
କେହି ନୁହଁନ୍ତି ଊଣା କାହାରେ ॥୨॥
ବାଟରୁ ତାଙ୍କୁ ଯେବେ
ତଡ଼ି ନ ଦେବା ତେବେ
ହଟହଟା କରିବେ
ଖଣାକୁ ଠେଲି ଦେବେ
ଅସଲ ଖଣ୍ଡ ଦଗାଦିଆ ରେ ॥୩॥
ମନ ଧିଆନ ଭରି
ଗୁରୁ ନାମ ସୁମରି
ପାଦ ଚାଲିଲେ ଭାଇ
ଆଉ ତୋ ଡର ନାହିଁ
ବାଟରେ ଗୁରୁ ହେବେ ସାହା ରେ ॥୪॥

❖





(୭)

ପ୍ରିୟତମ ଡାକ ଶୁଭେ ତ ଆଜି ରେ
ଶୁଣ ଶୁଣ ଡେରି କାନ
ଡାକି ଆସିଛନ୍ତି ଆସ ବେଗ କରି
ଗଢ଼ିଯାଏ ତ ଲଗନ ॥୦॥
ତାପିତ ହୃଦୟ ତୋର
ବହେ ନୀର ଧାର ଧାର
ଆଜି ରେ ନୟନ ପୋଛି ଦେବେ ସେ ତ
ଯିବ ବିରହ-ବେଦନ ॥୧॥
ହେବ ରେ ମଧୁ-ମିଳନ
ମଧୁରେ ପୂରିବ ମନ
ସେହି ପ୍ରେମ ମୁଖ ଅନ୍ତରେ ଜାଗି
ପୁଲକିବ ରେ ପରାଣ ॥୨॥

❖

(୮)

ଆମେ ସବୁ ଆଜି ଏକାଠି ହୋଇଛେ
ତାଙ୍କରି ଡାକରା ପାଇ,
ପର ପୁଅ ପରି ଦୂରେଇ ରହିବା
କେତେ, ଘର ପୁଅ ହୋଇ ॥୧॥

ଆସ ପାଶେ ଧନ ଆସ ରେ ବହନ
ଶୁଣ ଶୁଣ ଡାକେ କିଏ
ସେ ଆଦର ସୁରେ ମନ ପ୍ରାଣ ଭରେ
ଉଚ୍ଛୁର ଆଉ ନ ସହେ ॥୨॥

ମାନ, ଅପମାନ, ଲାଜ, ଅଭିମାନ
କାହିଁ ଦୂରଘୁଞ୍ଚା ଦିଏ
ନୟନର ବାରି ଯାଏ ଅପସରି
କଣ୍ଠ ଗୁଣ-ଗୀତି ଗାଏ ॥୩॥

କେତେ କାଳ ଧରି ଆଶା ଗଲା ପୂରି
ଏ ମଧୁ ମିଳନେ ସତେ !
ଲଭି ଦରଶନ ପୂଜିବା ଚରଣ
ଆସ ରେ ଗୁରୁ-ଭକତେ ॥୪॥

❖





(୯)

ଆସ ଭକତ ଭଉଣୀ ଭାଇ !
ଗୁରୁ ଦୁଆରେ ମିଳିବା ଯାଇ ॥୦॥

ଆଜି ଶୁଭ ପରଭାତ କାଳେ
ଭେଟିବାରେ ଗୁରୁ ପାଦ ତଳେ
ପ୍ରୀତି-କୁସୁମ-ଅଞ୍ଜଳି ନେଇ ॥୧॥

ଶୁଣି ଗୁରୁ ମଧୁର ଡାକରା
ସମରପି ଦେହ-ମନ ସାରା
କଣ୍ଠେ 'ଜୟଗୁରୁ' ନାମ ଗାଇ ॥୨॥

ଗୁରୁ ଏକା ପିତା, ମାତା, ବନ୍ଧୁ
ସେ ଯେ ଚିର କରୁଣାର ସିନ୍ଧୁ
ଆସ ଯିବା ଗୁରୁ ସେବା ପାଇଁ ॥୩॥

ଗୁରୁ କରୁଣା କିଞ୍ଚିତ ହେଲେ
ଭବ-ନଦୀ ପାର ହେବା ହେଲେ
ଗୁରୁ ବିନା ସଦଗତି କାହିଁ ? ॥୪॥

❖

(୧୦)

ଶୁଭ ପ୍ରଭାତେ ନବ ରବି ପରକାଶ
ମନ-ଫୁଲ ଭରା ଅଞ୍ଜଳି ଘେନି ଆସ ॥୦॥

ଚରଣରେ ଭେଟି ଦିଅ
ଭକତି-ନତି ଜଣାଅ
କଣ୍ଠ ଭରି କହ 'ଜୟଗୁରୁ' ଅବିନାଶ ॥୧॥

ଆସ ହେ ସରବ ଭକତ ମଣ୍ଡଳି ! ଆସ
ଶୁଣ ଶୁଣ କାନେ ଶ୍ରୀଗୁରୁ ଅମିୟ ଭାଷ
ଗୁରୁ-ପାଦ ତଳେ ମିଳି
କରିବା ରେ ଆଜି ଅଳି
ଜଗତର ମାୟା-ମୋହ କର ହେ ବିନାଶ ॥୨॥

ଏ ଜୀବନ ଗୁରୁ କରୁଣାର ଦାନ
କର କର ତାଙ୍କ ପଦେ ସମର୍ପଣ
ପୂରିବ ମନ-ବାସନା
ଘୁଞ୍ଚିବ ପାପ-କାମନା
ଅନ୍ତିମେ ହେବ ଶାନ୍ତି-ଧାମେ ନିବାସ ॥୩॥

❖



## ପ୍ରାର୍ଥନା

'ପ୍ରାର୍ଥନା' ଏତିକି କର ରେ ମନୁଆଁ !
'ପ୍ରାର୍ଥନା' ଏତିକି କର
'ଜୟଗୁରୁ' ନାମ ଚିର ରେ ମନୁଆଁ !
ହୃଦେ ବସା ବାନ୍ଧୁ ତୋର ॥

## (୧)

ଦୀନବନ୍ଧୁ ! ବୁକୁ ମୋର ଥର ଥର
ରତନ ପ୍ରକାରେ ଯତନ କଲି ମୁଁ, ବଶ ନୁହେଁ ମନ ମୋର ।।୦।।

ଆପଣାକୁ ଆପେ ଭଣୁଛି କହି ମୁଁ 'ତୁମେ ମୋର' 'ତୁମେ ମୋର'
ବିଚାରୁଛି ଆଉ ନ ଭୁଲିବି ବୋଲି ଦିନକୁ ସହସ୍ର ବାର
କାହୁଁ ଆସି ପୁଣି କୁଚିନ୍ତା ସତତ ସବୁ କରେ ନାରଖାର ।।୧।।

ଏଇ ଆଖି ମୋର ବେଳେ ବେଳେ ଢାଳେ ତୁମ ପାଦ ତଳେ ନୀର
ସେଇ ଆଖି ପୁଣି ପାସୋରି ତୁମକୁ ହେରେ ଅସାର ବିକାର
ବିଷୟ ଭୁଲାଏ, ପାଦ ଚାଲି ନିଏ କୁପଥରେ ଅନିବାର ।।୨।।

ପାପ-ମନ-ବନେ ଜାଳି ଦିଅ ଦେବ ଗୁରୁ ! ଅନୁତାପ ନିଆଁ
ଜଳି ପୋଡି ଯାଉ କୁନୀତି, କୁରୀତି ପାଲଟୁ ପାଉଁଶ ଧୂଆଁ
ତୁମ ବିନେ ଆଉ ନାହିଁ ଆନ କେହି ଶାସିବ ଏ ମୋ ଅନ୍ତର ।।୩।।

ଜାଣୁ ଜାଣୁ ମଣି ହରାଇ ବସୁଛି ହାତେ ପାଇ ବାର ବାର,
ଦୟାନିଧି ! ଆଉ ନୁହଁ ନିରିଦୟ, ଶରଣ ଦିଅ ଏଥର
ଆଉ କିଛି ମୋର ଲୋଡ଼ା ନାହିଁ, କର ଚରଣ ତଳେ କିଙ୍କର ।।୪।।

❖

(୨)

ଗୁରୁଦେବ ! ଏତେ ମିନତି ଘେନ
ସତ କର୍ମେ ଚିତ୍ତ ହେଉ ମଗନ
ଚିର ମଧୁମୟ ହେଉ ପବନ
ଝରୁ ନଦୀ ଶ୍ରୋତୁ ମଧୁ-ଝରଣ
ସୁଖେ ବିତୁ ଦିନ ରାତି
ଭବ ସୁଖୀ ହେଉ ଦେବ-ମଣ୍ଡଳୀର
ଶୁଭ ଦୃଷ୍ଟି ଥାଉ ନିତି ॥୧॥

ନିରତ ସମାନ ସଂଘରେ ରହି
'ସରବେ ସମାନ ମନ୍ତର' ଗାଇ
ହୋଇ ଏକ ମନ, ଏକ ପରାଣ
ଏକ ଭୂମିରେ କରୁ ବିଚରଣ ।
ଐକ୍ୟ ମନ୍ତ୍ର ଅଛ ଦେଇ
ରଚି ସେ ମନ୍ତର ପାଳି ଯଜ୍ଞ ବିଧି
ଦେବେ ତୋଷ କରୁଁ ସାଇଁ ॥୨॥

ଏକ ମନେ କରି ମନ୍ତ୍ରୋଚ୍ଚାରଣ
ଯଜ୍ଞ ଭାଗ ସର୍ବେ କରୁ ଗ୍ରହଣ ।
ହେଉ ଆମ ସଂକଳପ ସମାନ
ସଂଘବଦ୍ଧ ହୋଇ ସକଳ ଜନ
ମନନ ଅନ୍ତଃକରଣ
ସମାନ ସ୍ତରରେ କରୁ ଅବସ୍ଥାନ
ଜଣାଉ କୃପାନିଧାନ ॥୩॥





ଦରଶାଅ ପଥ ଆହେ ଦେବତା !
ଯେ ପଥେ ଚଳି ଜାଗିବ ଏକତା
ପରସ୍ପର ଶ୍ରଦ୍ଧା ଅତୁଟ ରହୁ
ଚିତ୍ତ ମନ ଧ୍ୟାନ ଏକତ୍ର ହେଉ
ଏ ଗୁହାରି ଘେନା କର
ଚରଣରେ ତବ ଦୃଢ଼ ଶ୍ରଦ୍ଧା ଭକ୍ତି
ରହିଥାଉ ନିରନ୍ତର ॥୪॥

❖

(୩)

ବିରହ-ଅନଳ ଦହନ ମନାସେ ଅନ୍ତର-ଦେଶରେ ମୋର
ସେ ଅନଳ ତେଜ ଝଲକ ଦେଖାଉ ରାହା ତୁମ ଦେଉଳର
ହେ ନାଥ !
ଷଡ଼ରିପୁଏ ଜଗିଲେ ପଥ
ସେଇ ଅନଳେ ହୁଅନ୍ତୁ ହତ ॥୧॥

ଅଳୀକ-ମମତା ମାୟାର ସପନ ସେ ଅନଳେ ପୋଡ଼ି ଯାଉ
ତୁମରି ବିଚ୍ଛେଦ-ହୁତାଶ ମରମେ ଜଳୁଥାଉ ଦାଉ ଦାଉ
ହେ ନାଥ !
ରଖ ଦାସଜନର ମହତ
'ମାନ-ରଖା' ଘୋଷଇ ଜଗତ ॥୨॥

ଦହନ ବିନା ରେ ମାଳା ଜପି ଜପି ସେ ପଦପରଶ କାହିଁ ?
ମିଳନ ବଦଳେ ଦହନ, ତେଣୁ ମୁଁ ମାଗୁଛି ସିନା ଗୋସାଇଁ
ହେ ନାଥ !
ଯେବେ କୃପାସିନ୍ଧୁ ନାମ ସତ
କୁହ ପୂରାଇବ ମନୋରଥ
ଆଶ ପୂରିବ ସତ କହ ତ ॥୩॥

❖





(୪)

ନାହିଁ ଆନ ଶରଣ ଅଗତିର ତାରଣ
କାରଣ ତୁମେ ନାରାୟଣ !
ଅଭୟ ଶ୍ରୀଚରଣ ତଳେ ଏ ଦୀନଜନ
ଗୁହାରି ପଦେ ହେଲେ ଶୁଣ
ହେ ମହାବାହୁ !
ସହି ଏ ଷଡ଼ରିପୁ ଦାଉ
କଳବଳ ନିରତ ହେଲି ହେ ପୀତପଟ !
କାହାରେ ଜଣାଇବି ଆଉ ? ॥୧॥
ତୁମ ପରି ସାମନ୍ତ ଥାଉ ଥାଉ କେମନ୍ତ
ଜଞ୍ଜାଳ ହୁଏ ବଳବନ୍ତ ?
ହର ଦୀନ-ଆରତ ଯେବେ ଏ କଥା ସତ
ମୋ' ଲାଗି ଏ କି ବିପରୀତ
ହେ ମହାବାହୁ !
ବଳୁଛି ଦୁଃଖ ଚାହୁଁ ଚାହୁଁ
କଲା କରମ ଫଳ ଭୋଗିବା ଯେବେ ମୂଳ
ତୁମ ବାନା ଉଡ଼ିବ କାହୁଁ ? ॥୨॥
ଇଚ୍ଛାମୟ ଠାକୁର ଯାହା ଇଚ୍ଛା ତା' କର
ଏତିକି ମିନତି ମୋହର
ଦିଅ ଯେତେ ଦେବାର ବିପଦ ଦୁଃଖ ଭାର
ଶକତି ଦିଅ ସହିବାର
ହେ ମହାବାହୁ !
ଦିବାନିଶି ତୁମରି ଚରଣ ସେବା କରି
ନାମ ଗାଇ ଜୀବନ ଯାଉ ॥୩॥

❖

(୫)

ଦୀନବନ୍ଧୁ ନାମ ଯେବେ ବହିଛ ତୁମେ ଠାକୁର !
ଶିରେ ମୋର ଲଦି ଦିଅ ଦୁନିଆର ଦୁଃଖ ଭାର ॥୦॥

ଦୁଃଖୀ ପାଶେ ତୁମେ ଯେବେ
ଉଭା ହୁଅ ନାଥ ! ତେବେ
ସୁଖ ମୋର ଲୋଡ଼ା ନାହିଁ, ଚିର ଦୁଃଖୀ ମୋତେ କର ॥୧॥

ହେରି ତୁମ ଶିରୀମୁଖ
ନ ବାରିବି ସୁଖ-ଦୁଃଖ
ଆଲୋକ, ଆଲୋକ ଖାଲି ଦିଶିବ ସାରା ସଂସାର ॥୨॥

ବୁକୁଭରା ଖରଶ୍ୱାସ
ରଖିଛି, ବିଞ୍ଚିବି ଆସ
ପାଦ ଧୋଇ ଦେବା ପାଇଁ ସାଇତିଛି ଆଖି ନୀର ॥୩॥

ହସି ଖାଲି ଦିଅ ଚାହିଁ
ଆଉ କିଛି ଆଶା ନାହିଁ
ମୁଁ ଜଣେ ଦୀନ ଭିଖାରୀ ଝୁଲିରେ ମୋ ଦୟା ଭର ॥୪॥

❖





(୬)

ଆଶ ମୋର ଯେତେ ଶେଷ ହେଲେ ସତେ
କରୁଣା ନିଧି ବରଷ
ହାତ ପାତି ଯେବେ ଲୋଡୁଥାଇ ତେବେ
କାହିଁ କେତେ ଦୂରେ ଅପସରି ତ ବସ ॥୦॥

ମୂକ ହେଲେ ମୁଖ
ଅନ୍ତରେ ତ ଡାକ
ସେ ସୁରେ ଯେ ପୁଲକ
ଜାଗେ ସାରା ତ୍ରିଲୋକ
ଅନୁଭବରେ କାହିଁ
ଦିନେ ତ ବାରି ନାହିଁ
ଏଥକୁ ଦୟା କର
'ମୋର' ପଦ ସଂହାର
କରି ତା' ଆପଣାର
କର ଚରଣ ଦାସ ॥୧॥

❖

(୭)

ତବ ନାମ ମାନସ-ମୋହନ ହେ
ଶୋକ-ତାପହରା ତବ ସ୍ମରଣ କୀର୍ତ୍ତନ ହେ ।।୦।।

ଜଗତର ତାପ ରାଶି
ମୋହ-ଘେରା ଅମା ନିଶି
ଦୂରେ ଘୁଞ୍ଚେ ପଲକରେ, ଗୁଣ କଲେ ଗାନ ହେ ।।୧।।

ପୁଲକରେ ହୃଦ ମୂଳ
ରସରେ ହୁଏ ବିଭୋଳ
ଉଚ୍ଚାରିଲେ ତବ ନାମ କରୁଣା-ନିଧାନ ହେ ।।୨।।

ବଳ ତୁମେ, ବୁଦ୍ଧି ତୁମେ
ଜ୍ଞାନ ତୁମେ, ଧ୍ୟାନ ତୁମେ
ତୁମ ଦୟାଦାନ ତ୍ରିଜଗତେ ଅନୁପମ ହେ ।।୩।।

ଆହେ ପରାଣ-ରମଣ !
ତୁମେ ହେ ଭକତ-ପ୍ରାଣ
ଚରଣ ତଳେ ତୁମର ମାଗୁଛି ଶରଣ ହେ ।।୪।।

❖





(୮)

ସେ ଚରଣ ତଳେ ଆଜି ମାଗେ ଶରଣ
ଦୟାମୟ ଅଗତିର ଗତି-କାରଣ ! ।।୦।।

ଦିଅ ଦୁଃଖ, ଦିଅ ଶୋକ
ନାହିଁ ମୋର ଚିନ୍ତା ଦକ
ପାସୋରିବି ସବୁ ହେରି ଚନ୍ଦ୍ର-ବଦନ ।।୧।।

ସୁଖ-ଶାନ୍ତି ଦେବ ଯେବେ
ଆନନ୍ଦେ ମାତିବି ତେବେ
ଅକଳନ କରୁଣା ମୁଁ କରି ଚିନ୍ତନ ।।୨।।

ନୟନରୁ ପ୍ରେମ ବାରି
ପଡୁଥିବ ଝରି ଝରି
ସରାଗେ ମୁଁ ଧୋଇବି ସେ ରଙ୍ଗ-ଚରଣ ।।୩।।

ଆଜିରେ ଶପଥ ନେଲି
ଏ ଜୀବନ ସମ୍ପି ଦେଲି
ଅଧମ ଜନରେ ଦିଅ ନବ ଜୀବନ ।।୪।।

❖

(୯)

ଜଣାଉଛି ଆହେ ପ୍ରିୟ ମୋର
ତବ ନାମ ଘୋଷି ଭୁଲି ଆପଣାରେ
ହେବାକୁ ମୁହିଁ ପାଗଳ ॥୦॥

ଜ୍ଞାନରେ ବାରୁଛି ତୁମେ ଏକା ମୋର
ଧିଆନେ ଜାଣୁଛି ତୁମେ ଗୁଣାଧାର
ନିରେଖି ମୁଁ ତବ ରୂପ-ଶିରୀ ନାଥ !
ପାସୋରେ ବିଶ୍ୱ ସଂସାର ॥୧॥

ଗୁରୁ ରୂପେ ତୁମ ଆଶିଷ ଲଭିଛି
ମୋର ବୋଲି ଯାହା ଚରଣେ ଢାଳିଛି
ଯେତେ କାଳ ଥିବ ପିଣ୍ଡରେ ପରାଣ
ମୁଁ ତୁମର ପରିଚାର ॥୨॥

ସରିବ ଯେବେ ଏ ଲୀଳା ସଂସାରର
ଢାଳି ଦେଇ ତବ କରୁଣାର ଧାର
ତବ ପ୍ରେମେ କରି ମତୁଆଳ ନାଥ !
ପରିତ୍ରାଣ ମୋତେ କର ॥୩॥

❖





(୧୦)

ଜୟ ଜୟ ଶ୍ରୀଗୁରୁ କରୁଣାମୟ ହେ !
ଦୁଃଖ ନିବାରଣକାରୀ
ମଙ୍ଗଳମୟ ତୁମେ ଜ୍ଞାନ ସ୍ୱରୂପୀ
ଅପ୍ରାକୃତ ଗୁଣଧାରୀ ॥୦॥

ତୁମେ ହେ ଜ୍ଞାନ-ଘନ ବିଗ୍ରହ ରୂପୀ
ମୋହ-ତମ ନାଶନ ତ୍ରିଜଗତ ବ୍ୟାପୀ
ଚିତ୍ତବୃତ୍ତି ରହୁ ତବ ଚରଣେ ସଦା
ଭିକ୍ଷା ମାଗେ ଭିଖାରୀ ॥୧॥

ମିତ୍ର ରୂପେ ଏ ଜଗତେ ହେରୁ ଆଖି
ପ୍ରେମ-ନୟନ ଚଉଦିଗେ ରହୁ ଲାଖି
କରୁଣା କର ଦେବ ! ନିରେଖୁ ବିଶ୍ୱଜନ
ନିରତ ଢାଳି ପ୍ରେମବାରି ॥୨॥

❖

## ନିବେଦନ

'ନିବେଦନ' ଏତେ ସାର ରେ ମନୁଆଁ !
'ନିବେଦନ' ଏତେ ସାର
ନିରତ ନିଶି, ବାସର ରେ ମନୁଆଁ !
ନ ହେଉ 'ନାମ' ପାସୋର ॥

(୧)

(ମୋର) ମନର ଗୁହାରି ଶୁଣ ଜଗତ-ଜୀବନ !
ଚରଣ ତଳରେ ମିଶାଅ ଛାର ପରାଣ ॥୦॥

ପାଷାଣ ହିଆ ମୋ ଯାଉ ହେ ତରଳି
ସେହି ନୀରେ ଦେବି ଚରଣ ପଖାଳି
ଅନ୍ଧ ନୟନ ନିରେଖିବ ତାହା
ଘେନାଅ ଜ୍ଞାନ-ଅଞ୍ଜନ ॥୧॥

ଧନ, ଜନ ତୁଚ୍ଛ ଗରବ, ସରବ
ନାମ ତଳେ ତବ ପାଉ ପରାଭବ ।
ମାୟା କୁହୁକରେ ଯାଦୁକରୀ ଘେରା-
ସପନ କର ଭଞ୍ଜନ ॥୨॥

ଦି' ଦିନିଆ ସାଥୀ ବନ୍ଧୁ ପରିଜନ
ବୁଝି, ବୁଝୁନାହିଁ ଛାର ଏ ବନ୍ଧନ ।
ଜୀବନେ, ମରଣେ, ଜନମେ, ଜନମେ
ତୁମେ ତ ପରାଣ ଧନ ॥୩॥

ପାସୋରା ବୁକୁରେ ପାଷାଣର ଗାରେ
'ତୁମେ ମୋର' ବୋଲି ଅଲିଭା ଅକ୍ଷରେ-
ଗାରି ଦିଅ ଖାଲି କରୁଣା-ସାଗର !
ଏତିକି ମୋ ନିବେଦନ ॥୪॥

❖

( ୨ )

ଭିଖ ଦିଅ, ଭିଖ ଦିଅ
ଭିଖାରୀରେ ଭିଖ ଦିଅ
ଡାକିଲା ପରି ମୁଁ ଡାକି ନାହିଁ ବୋଲି
ବିମୁଖ ତୁମେ ନ ହୁଅ ।।୦।।

ଅପରାଧ ତ ମୋ ଜୀବନର ସାଥୀ
ତୁମେ ତ କ୍ଷମାସାଗର
ପତିତ ବୋଲି ମୁଁ 'ପତିତପାବନ'
ନାମଟି ପରା ତୁମର ?
ମିଛ କି ଏ କଥା, ଦିଅଁ ! ।।୧।।

ଦୀନଜନ ବନ୍ଧୁ ବୋଲି ପରା ତୁମେ
ବୋଲାଇ ହେଉଛ ଭବେ
କାହିଁକି ମାନିବି, ମୋ ପରି ଅଧମେ
ତାରି ନ ପାରିଲ ଯେବେ
ଏ କଥା ବୁଝାଇ କୁହ ।।୨।।

ଭକତି କାହାକୁ କହନ୍ତି ସେ କଥା
ଶିଖି ନାହିଁ ଜାଣିଚାଏ
ଜାଣିବାରେ ମୋର ଯାଇ ନାହିଁ ଦିନେ
ଦେଉଳ ଦୁଆର ଯାଏ ।
ସେ ରାହା ମୋତେ ବତାଅ ।।୩।।





କି ବୋଲି ଡାକିବି କି ଭଳି ଡାକିବି
କି ବୋଇଲେ ତୁମେ ଶୁଣ
ଘୁମେ, ଜାଗରଣେ କେବେ ମୁଁ ଡାକିବି
ମୁଦି ଦେବ ନାହିଁ କାନ
ଯେତେ ଦୂରେ ଯହିଁ ଥାଅ ।।୪।।

ପଥର ଭିଖାରୀ ଏତିକି ମାଗୁଛି
ପଡ଼ିଦାତା ଜନାର୍ଦ୍ଦନ
ଭକତି ରସରେ ଜଠର ପୂରାଅ
ନ ହୁଅ ଆଉ କୃପଣ
ଦାତା-ପତାକା ଉଡ଼ାଅ ।।୫।।

❖

(୩)

ଏତିକି ମାଗୁଣି ଖାଲି
ଘୁମର ଅମଳ ତୁଟାଇ ଦିଅ ହେ !
ଚାହିଁବି ନୟନେ ମେଲି ॥୦॥

ପିତା ପରା ତୁମେ, ନ ହୁଅ ନିଠୁର
ଭେଟିବି ବୋଲି ମୋ ଅନ୍ତର ଆତୁର
ଆଶିଷ ତୁମର ପାଉଛି ନିରତ
ଖୋଜେ କାହିଁ ତୁମେ ବୋଲି ॥୧॥

ରହି ଦୂରେ ଦୂରେ ଅଗୋଚରେ କାହିଁ
ସୁଖ ଦୁଃଖ ଭଲ-ମନ୍ଦ ବୁଝ ସାଇଁ !
ଦେଖି ତ ନ ପାରେ ଆଖିରେ ମୋହର
ଭରିଛି ମୋହର ବାଲି ।୨।

ଏ କିଜାତି ପ୍ରେମ, ବୁଝି ତ ନ ପାରେ
କଳନାକୁ ଜ୍ଞାନ, ବୁଦ୍ଧି, ମତି ହାରେ
ଛଳନା ନ କର କରୁଣାମୟ ହେ !
ଝୁରି ଝୁରି ନିତି ମଲି ।୩।

❖





(୪)

କେତେ ଦିନେ ଘୁଞ୍ଚିବ ଏ ମାୟା ମୋହ ଘୋର
କେବେ ଆଉ ନାଶିବ, ଏ ମନ ଅନ୍ଧକାର-ଘନ ସୁନ୍ଦର ହେ ॥୧॥
କେବେ ଅପସରିବ ମୋ କାମ, କ୍ରୋଧ-ଆଶା
କେବେ କହ ଘୁଞ୍ଚିବ ଏ ମମତା ପିପାସା-ଦୀନବାନ୍ଧବ ହେ ॥୨॥
ପାସୋରି ସଂସାର ହେବ ତବ ପଦେ ଲୟ
ତୁଟିବ କେବେ ହେ ସତେ ପ୍ରପଞ୍ଚର ଭୟ-ମଧୁସୂଦନ ହେ ॥୩॥
ଅନାଥ-ବତ୍ସଳ କେବେ ଆସିବ ସେ ଦିନ
ଶ୍ରୀପଦ-ନଳୀନ କେବେ ହେରିବ ନୟନ-ମନମୋହନ ହେ ॥୪॥
ଅପଘନ ତବ ନବରବି-ଛବି ହରା
ସପନେ ନାଚିବ ଆସି, ସେ ମୁରଲୀ ଧରା-ଜୀବ-ତାରଣ ହେ ॥୫॥
ଜଗତ ସୁଖ-ଦୁଃଖରେ ବୁଡ଼ି ରହେ ଚିତ୍ତ
ଭୁଲାଏ ଜୀବରେ ତୁଚ୍ଛ-ଅରଜନ ବିତ୍ତ-ଜଗଜୀବନ ହେ ॥୬॥
ଅନ୍ତର ମଝିରେ ଥାଇ ଦେଖା ତ ନ ଦିଅ
ଅମିୟ-ଝରା ସେ ସ୍ୱରେ ମୁରଲୀ ବଜାଅ-ନଟଶେଖର ହେ ॥୭॥
ପରାଣର ପ୍ରିୟତମ ତୁମେ ଜଗବନ୍ଧୁ
ଅଘ-ତମସା ନାଶନେ ତୁମେ ପୂର୍ଣ୍ଣଇନ୍ଦୁ-ପ୍ରାଣ-ଠାକୁର ହେ ॥୮॥
ଚରଣେ ଶରଣ ଦିଅ, ହେ ମଧୁସୂଦନ !
ଅଜ୍ଞାନ-ଅନ୍ଧାର ନାଶ କର ଜନାର୍ଦ୍ଦନ-ପ୍ରାଣବଲ୍ଲଭ ହେ ॥୯॥
କୋଟି ପ୍ରଣିପାତ ଘେନ, ଦୋଷ କର କ୍ଷମା
ପାପହାରୀ ଜଗନ୍ନାଥ ! ଅସୀମ ମହିମା-ଶ୍ୟାମସୁନ୍ଦର ହେ ॥୧୦॥

❖

(୫)

(ମୋର) ପଦେ ଖାଲି ପଦରେ ଗୁହାରି
ତୁମ ପଞ୍ଜୁରୀରେ ମୋତେ
ରଖ କରି ପୋଷା-ଶାରୀ ॥୦॥

ପୀରତି-ଡୋରରେ ବାନ୍ଧି
ରଖ କରି ପାଦ ବନ୍ଦୀ
ପଳାଇ ଯିବାକୁ ଆଉ ରାହା ନ ଥାଉ ମୋହରି ॥୧॥

ଗୋଳି ତବ ପ୍ରେମ-ନୀର
ଖୁଆଇ ଦେବ ଆହାର
ଆଉଁଷି ଦେଇ ମୋ ଶିର ଡାକିବ ଆଦର କରି ॥୨॥

ଶିଖାଇବ ମୋତେ ପ୍ରିୟ !
ତୁମ ନାମ ପ୍ରେମମୟ
ନିଶି-ଦିନ ରଟୁଥିବି ସେ ପଦଟି ନ ପାସୋରି ॥୩॥

ତୁମ ଆଶା-ପଥ ଚାହିଁ
ଖାଲି ସେହି ଗୀତ ଗାଇ
ଶୁଣାଇବି ତୁମ କାନେ ସାରା ଏ ଜନମ ଧରି ॥୪॥

❖





(୬)

ପଦେ ମୋ ଗୁହାରି ଘେନ
ମାଗୁ ନାହିଁ ଧନ ଜନ ॥୦॥

ତୁମେ ବାଞ୍ଛାକଳ୍ପତରୁ
ଶରଣ ନେଲା ଉତାରୁ
ଅନାଥ ହେଲେ ମୁଁ ନାଥ !
କାହାକୁ ଏ ଅପମାନ ? ॥୧॥

ଆପଣାରେ ଆପେ ଭଣ୍ଡେ
ନ ହେଜେ ସେ ପଦ ଦଣ୍ଡେ
ମନେ, ମୁଖେ ଦିଅ ଭରି
ଗୁରୁନାମ ଗୁଣ ଗାନ ॥୨॥

ଦିଅ ହେ ପାଗଳ କରି
ତୁଟାଇ ମାୟା ସବୁରି
ତୁମେ ଏକା 'ମୋର' ବୋଲି
ରଟି ବୁଲେ ନିଶି ଦିନ ॥୩॥

ଯେଣିକି ଦେବି ମୁଁ ଚାହିଁ
ସେ ରୂପ ଦିଶିବା ପାଇଁ
ନୟନ ପଟରେ ଦିଅ
ଲଗାଇ ଜ୍ଞାନ-ଅଞ୍ଜନ ॥୪॥

ଭଲ, ଭେଲ ଯେତେ ଯାହା
ସବୁ ତ ତୁମରି ଦିଆ
କରୁଣା କର ହେ ନାଥ !
ଏତିକି ବୁଝୁ ଏ ମନ ॥୫॥

❖

(୭)

ଭିଖ-ଥାଳ କରେ ଧରି ଆସିଛି ଦୀନ ଭିଖାରୀ
ଆରତ ଗୁହାରି ଶୁଣ ତା'ର
ଯେ ଦୁଆରେ ହୋଇ ରୁଣ୍ଡ କରୁଣା ମାଗେ ବ୍ରହ୍ମାଣ୍ଡ
ଅଧମ କି ତହିଁରୁ ବାହାର ? ॥୦॥
ଯାତନା କର ହେ ଦୂର
ପୋଡ଼ଇ ବାସନା ଛାର
ଊଷର ପରାଣେ ରଚ ଉପବନ ବୁହାଇ କରୁଣା ଧାର
ଆଶା ସିନା ଏତିକି ମାତର
ଦିଆ ପଣକୁ ନୁହଁ କାତର
ତାର ଅବା ମାର ବନ୍ଧୁ ଶରଣ ମୋ ଦୀନବନ୍ଧୁ
ଜୀବନେ, ମରଣେ ଅନିବାର
ଏତିକି ଏ ମନେ ଥାଉ ଭୁଲାଇ ନ ଦିଅ ଆଉ
ଘୋର ମାୟା ଜାଲ ନ ବିସ୍ତାର ॥୧॥
ବୁଲି ତ ବାର ଦୁଆର
ଥକି ଗଲାଣି ପୟର
ଝାଞ୍ଜିପିଟା ଖରା ତାତିଲା ବାଲିରେ ଆଉ ଜଳାଇ ନ ମାର
ସତେ ଦୟା କି ଗଲା ପାସୋର ?
ଲୋକ କହେ କରୁଣା-ସାଗର
(ତୁମେ) ରତ୍ନାକର ଘରେ ଶୋଇ ରଖ ସମ୍ପତ୍ତି ଘୋଡ଼ାଇ
(ତିଳେ) ଆଶା ନାହିଁ ତହିଁକି ମୋହର
ତୁମ ପାଦଝରା ଜଳ ପୂରାଇ ଦେଉ ମୋ ଥାଳ
ସେବକ ପଣରେ ଘେନା କର ॥୨॥

❖





(୮)

ଦୟାନିଧି ହେ !
ମନ ଗୁହାରି ଘେନ
ଘୁମେ, ଜାଗରଣେ, ଶୟନେ, ସ୍ୱପନେ
ପଦ ଚିନ୍ତନରେ ଥିବି ମଗନ ॥୦॥

ତବ ଗୁଣମାନ କରୁ କରୁ ଗାନ
ନୀରେ ଭରିଯିବ ବେନି ନୟନ
କଣ୍ଠ ରୋଧ ହେବ ବାଣୀ ନ ସ୍ଫୁରିବ
ଭରିବ ଶ୍ରବଣେ ମୁରଲୀ-ସ୍ୱନ ॥୧॥

ଅନ୍ତର, ବାହାର ପରାପର ମୋର
ଆତ୍ମ ଦରଶନେ ହେବ ମଗନ
ସେ କିଏ, ମୁଁ କିଏ ଭାବ ଛାଏଁ ଛାଏଁ
ଦୂର ହେବ ମନୁ ବିଭେଦମାନ ॥୨॥

ଜୀବରେ ଜୀବରେ କମ ମୂରତିରେ
ଲଭୁଥିବି ତବ ରୂପ ସନ୍ଧାନ
ବାରିଝରା ମୋର ନୟନ ଯୁଗଳ
ଧୋଇବ ସେ ପଦ ଜଗବନ୍ଦନ ! ॥୩॥

❖

(୯)

ଚରଣେ ପ୍ରଣତି ଘେନ ମାନସ ମୋହନ ହେ ! ॥୦॥
ଭବ ଭୟ ନିବାରଣ
ତୁମେ ଜୀବର କାରଣ
ବରାଭୟ କର ଦାନ, ପଦେ ନିବେଦନ ହେ ॥୧॥

ପରାଣ, ମନରେ ମୋର
ଝରାଅ ଅମିୟ ଧାର
ଶକତି ସଞ୍ଚାର କର, କରୁଣାନିଧାନ ହେ ॥୨॥

କଳହ, ବିଚ୍ଛେଦ ମାନ
ପରାପର-ଭେଦ-ଜ୍ଞାନ
ଦୂର କର ମନୁ ମମ, ଜଗତ-ଜୀବନ ହେ ॥୩॥

ସାରା ଜୀବନଟା ମୋର
ତବ ତୁଲେ ଏକ କର
ଆତ୍ମ-ଅଭିମାନ ଦୂର କର ନିରଞ୍ଜନ ହେ ॥୪॥

ମୁଖ ତବ ନମ ଗାଉ
କାନ ବାଣୀ ଶୁଣୁଥାଉ
ଆଖି ତବ ରୂପ ଚାହୁଁ, ଜୀବ ହେଉ ଧନ୍ୟ ହେ ॥୫॥

❖





(୧୦)

ମନର ଠାକୁର ! ଆଜି ମନ କଥା ଘେନାକର
କହିବି କହିବି ବୋଲି ଅକୁହା ରହିଛି ମୋର ॥୦॥
ଆୟୁ, ଧନ, ମାନ, ଜନ
ମାଗୁନାହିଁ ଜୀବଧନ !
ଭିଖାରୀରେ ଦୟାନିଧି ! ଚରଣ-ଛଡ଼ା ନ କର ॥୧॥

ଶୁଣ ହେ ମନ-ମୋହନ !
ମୁଦା ଥିବ ଏ ନୟନ
ନବଘନ କମଠାମ ନିରେଖୁଥିବ ମାତର ॥୨॥

ମୂକ ଥିବ ମୁଖ ମୋର
କଣ୍ଠରେ ନ ଥିବ ସ୍ୱର
ଏ ରସନା ରଟୁଥିବ ତୁମରି ନାମ କେବଳ ॥୩॥

ତନୁ ହରାଇ ଚେତନ
କରୁଥିବ ଆଲିଙ୍ଗନ
ଅରୂପ-ସ୍ୱରୂପ ତବ, ପ୍ରେମେ ହୋଇ ଜରଜର ॥୪॥

❖

# ମନଶିକ୍ଷା

'ମନଶିକ୍ଷା' କର ବ୍ରତ ରେ ମନୁଆଁ
'ମନଶିକ୍ଷା' କର ବ୍ରତ
ଏ ବିଚାର ଏକା ସତ ରେ ମନୁଆଁ !
ମନର ମୂଳେ ଜଗତ ॥

## (୧)

ଗାଅ ! କଣ୍ଠ ମିଳାଇ ଗାଆ ରେ
ମନ 'ଜୟଗୁରୁ' ଜୟ ଗାଆ ।୦।

ଗୁରୁ ନାମ ସାର କର ମନ ବାଇ, ଗୁରୁ କ୍ଷମା-ପାରାବାର
ଭକତିର ନାଆ ଭସାଇ ଚାଲ ତୁ ତେଜି ଭବ ଭୟ ଡର
ମଙ୍ଗୁଆଳ ତୋ ସାହା
ଗୁରୁ ବୋଲି ଅଟେ ତାହାରି ନାଆଁ
ସେ ଏକା ତୋ ସାହା ॥୧॥

ଭୁଲନା ରେ ଭବ-ପରବାସୀ ଜୀବ, ତାରକ ବ୍ରହ୍ମ ସେ ଏକା
ଜଗତ-ଜଞ୍ଜାଳ ଅତି ବିକଟାଳ କି ଛାର ତା ପାଶେ ଲେଖା
ଆଖି ମୋଲି ତୁ ଚାହାଁ
ଗୁରୁ ଏକା ଦେଖାଇବେ ତୋ ରାହା
ସେ ଜଗତ ନାହା ॥୨॥

ଭବର ଭାବନା ଦୂରେ ଯିବ କେଣେ ଆଖି ପିଛୁଳାରେ ତୋର
ସୁଖ ବୋଲ, ଦୁଃଖ ବୋଲ ରେ ମନୁଆଁ, ସବୁ ତ ଆଶିଷ ତା'ର
ଭୁଲ ସକଳ ମାୟା
ହେର ଚଉଦିଗେ ତାହାରି କାୟା
ତୁ ନ ହୁଅ ବାୟା ॥୩॥

❖

(୨)

ଥରେ ଆପଣାର ତା'ରେ କର
ତନୁ, ମନ ସମ୍ପି ଦିଅ ତା ପୟରେ,
ଯା'ରେ ବୋଲୁ 'ମୋର' 'ମୋର' ॥୦॥

ତୁ ଯେବେ ବାଉଳା ! ହେବୁ ସତେ ତା'ର
ସେ ହେବ ତୋ ଆପଣାର
ପଲକରେ ପରା ଆଦରି ନେବ ସେ
ଯେତେ ଦୁଃଖ ଅଛି ତୋର
ବହିବ ସକଳ ଭାର ॥୧॥

ଅଥଳ ଅକୂଳ ସାଗର ଦେଖି ତୁ
ବୁକୁ ତୋର ଥରଥର
ନାଆରେ ବସାଇ, ମଙ୍ଗୁଆଳ ହୋଇ
କରିବ ସେ ସିନ୍ଧୁ ପାର
ତୁଟିଯିବ ଭୟ ତୋର ॥୨॥

ତ୍ରିତାପରେ ଜଳି ସରିଗଲୁ ବୋଲି
ଡରି ମରୁଥାଉ ତୁ'ରେ
ତୁ ହେଲେ ତାହାର, ତୋ ଦୁଃଖ ସମ୍ଭାଳି
ରହିବ କି କେବେ ସେ'ରେ
କରି ତୋତେ ସାତ ପର ? ॥୩॥





ଅଗତିର ଗତି ପରାଣପତି ସେ
ଅନ୍ତରୁ କରି ଅନ୍ତର
ଅଜାଣ ପଣେ ତୁ ସିନା ଟାଣ କରୁ
ଦେଖାଇ ପୁରୁଷକାର
ହେଜ, ବୁଦ୍ଧି କରି ଥିର ॥୪॥

ଧନ, ଜନ, ମାନ, ଠୁଳାଇ ତା' ପଦେ
କଲେ ଆତ୍ମ ସମର୍ପଣ
ଉଭାଇ ଯିବ ରେ ଛାର ଦୁନିଆଁର
ଯାବତ ଦାବ-ଦହନ
ଲଭି ତା' ଆଶିଷ ଧାର ॥୫॥

❖

(୩)

ଭବ ଘନ ଘୋର ଅନ୍ଧାର
ଗୁରୁ ବିନେ କିଏ କରିବ ଦୂର ?
ଅନ୍ଧ-ନୟନ ଯୁଗଳରେ ସେ ତ ଜ୍ଞାନ-ଅଞ୍ଜନ ଗାର ।।୦।।
ଜଗତେ ଯାହାରେ କହୁ ମୋର ମୋର
ସେ କି ସତେ ତୋର କର ରେ ବିଚାର,
'ଦିଆ' ବଦଳରେ 'ନିଆ'ର ବନ୍ଧୁ ସେ
ସ୍ୱାର୍ଥର କାରବାର ।।୧।।
ଆଖିରେ ବନ୍ଧା ତୋ ମାୟାର ପଟଳ
ଦେଖୁ ଯାହା ସେ ତ ସପନର ଛଳ
ବେଳ ଥାଉଁ ବନ୍ଧ ବାନ୍ଧ ରେ କୁମର !
ଗୁରୁ ନାମ କରି ସାର ।।୨।।
ଚଳୁଥିବା ଯାଏ କର, ପଦ ଭବେ
ଦାରା, ସୁତ, ବନ୍ଧୁ ଆଦର କରିବେ
ଅଚଳ ହେବୁ ତୁ ଯେବେ ମନବାଇ !
ସବୁରି ହେବୁ ତୁ ପର ।।୩।।
ସତ ଅବା ମିଛ ଭାଳ ତୁ ମନରେ
କେ ଅଛି ତୋହର ଏ ମର ସଂସାରେ
ଗୁରୁ ଏକା ତୋର ବନ୍ଧୁ ବିପଦର
ସେ ଚରଣ ଆଶ କର ।।୪।।

❖





(୪)

ଦେହ-ପଞ୍ଜୁରୀରେ ମନ-ଶାରୀ ରେ, ମନଶାରୀ !
ଗୁରୁ ଗୁଣ ଗାଅ କଣ୍ଠ ଭରି ରେ... ମନଶାରୀ ! ।।୦।।
ମାୟା-ପଞ୍ଜୁରୀରେ କବାଟ ଫେଇ ସେ
ଡେଣାରେ ତୋ' ଦେବେ ବଳ
ଉଡ଼ି ବୁଲିବୁ ତୁ ମନସୁଖେ ଫିଟି
ଗଲେ ମୋହ-ଅରଗଳ ରେ
ଷଡ଼ ଅରି
ତୋତେ ନ ପାରିବେ କେହି ଧରି ରେ... ମନଶାରୀ ! ।।୧।।
ଆକାଶ, ପାତାଳ ସମାନ ହେବ ତୋ
ସମାନ ମିତ, ବଇରୀ,
ପଲକରେ ଦୁଃଖ ପାଲଟିବ ସୁଖ
ଫିଟିବ ଆଖି ତୋହରି ରେ
ଯିବୁ ତରି
କାଳ ନ ପଶିବ ପାଶେ ଡରି ରେ... ମନଶାରୀ ! ।।୨।।
ଶିକୁଳିରେ ତୋର ପାଦ ଛନ୍ଦିବାକୁ
ସଭିଏଁ ଅଛନ୍ତି ଘେରି
ଉଜ୍ଜ୍ୱଳ ଯାହାରେ ମଣୁ ତୁ ସେ ତ ରେ
ସତରେ ଘୋର ଅନ୍ଧାରି ରେ
ମନ ଭରି
ଡାକ ଗୁରୁ, ସେ ନେବେ ଉଦ୍ଧରି ରେ... ମନଶାରୀ ! ।।୩।।

❖

(୫)

ମିଛେ ବସି କାହିଁକି ତୁ ଭାବୁ ରେ ମନ !
କର ରେ ଆନନ୍ଦମୟ ନାମ କୀର୍ତ୍ତନ ॥୦॥

ପରସାଦ-କଣା ପାଇ ଆନନ୍ଦେ ବିଭୋର ହୋଇ
ସାଧୁ-ସନ୍ଥ ସଙ୍ଗେ ରହି ହୁଅ ରେ ପ୍ରେମେ ମଗନ ॥୧॥

ସଂସାର ଅନ୍ଧାର ଘେରା ସେ ଦୀପ କର ଆଶରା
ପଥ ହୁଡ଼ିଲେ ବାଉଳା ! ଭାଙ୍ଗି ଯିବଟି ଚରଣ ॥୨॥

ଭୁଲନା ରେ ଛଳନାରେ ପଡ଼ିଯିବୁଟି ଖଣାରେ
ଗୋବିନ୍ଦର ଭରସାରେ ବିତାଅ ତୁ ନିଶିଦିନ ॥୩॥

ଖାଉନ୍ଦ ତୋ ଜନାର୍ଦ୍ଦନ ନିଯୋଗ ସେବକ ଗଣ
ଖଳର କଲେ ସେବାରେ କେ ଦେବ ତୋରେ ବେତନ ॥୪॥

❖





(୬)

ରସନା ! ଗୁରୁ ବିନେ ଆନେ ରସ ନା
ଗୁରୁନାମ ରସ ପାନେ ବଳାଅ ବାସନା ରେ ॥୦॥

କଣ୍ଠ ତଟେ ତୋର ଗୁରୁନାମ କର ହାର
ଗୁରୁ ହରି, ଗୁରୁ ପ୍ରାଣ-ଆରାମ ତୋହର
ସେ ପଦ ଶରଣ ଭବ-ଭୟ କରେ ଚୁନା ରେ ॥୧॥

ପାନ କର ସଦା ଗୁରୁନାମାମୃତ ଧାର
ଗୁରୁନାମ ସାର, ଆନ ସକଳ ଅସାର
ଭବ-ଜଳଧିର ଛଳ-ନାବରେ ଭାସନା ରେ ॥୨॥

ଆଖିରେ ଆଖିରେ ଗୁରୁ ମୂରତିଟି ଦେଖ
ଅଳିଭା ଗାରରେ ଗୁରୁ ଛବି ଲେଖି ରଖ
ଗତି-ମୁକତି ମନ୍ତର ଗୁରୁନାମ ସିନା ରେ ॥୩॥

❖

(୭)

ଭୁଲାମନ ! ଥରେ ଅନାଁ ଫେରାଇ ନୟନ
କେ ତୁହି ରେ, କିଏ ତୋର, କା'ର ନିଜ ଜନ ॥୦॥

ଆସି କାହୁଁ, ଯାଉ କାହିଁ, ଲକ୍ଷ୍ୟ କିସ ତୋର
ପଥ ଭୁଲି ପାଦଚାଲୁ ଆଗେ ଅମାଘନ ॥୧॥

ଆଖି ଆଗେ ମୋହ-ଜାଲ ମାୟାର ସାଗରେ
ଭଉଁରୀରେ ପଡ଼ି ଧରା ହେବୁ ତୁହି ମୀନ ॥୨॥

ବେଳ ନ ବୁଡୁଣୁ ଥରେ ଉପରକୁ ଅନାଁ ।
କି ସୁନ୍ଦର ଛବି ସତେ ଭୁବନ-ମୋହନ ॥୩॥

ଅମଳ ମଧୁର ଶତଦଳ ଶୋଭା ଧରେ
ଆଲୋକ ବରଷେ ସେ ତ ଧରା-ବିମୋହନ ॥୪॥

ଥିଲେ ଥାଅ ତୁହି ତା'ର ଦୂରେ ଅବା ପାଶେ
ସେ ବିଚାର ସେ ନ କରେ, ପରଶେ କିରଣ ॥୫॥

ଶୂନ୍ୟରେ ଉଦୟ ତା'ର ଶୂନ୍ୟରେ ବିଲୟ
ଅବ୍ୟୟ ଅକ୍ଷୟ ତା'ର ଲୀଳା ଛଳ ଶୂନ୍ୟ ॥୬॥

ସେ ରୂପ ସନ୍ଧାନ ଯେବେ ଲଭିବାକୁ ମନ
ଗୁରୁଦାସ ପଣେ କର ଶ୍ରୀଗୁରୁ ବନ୍ଦନ ॥୭॥

❖





(୮)

ମାନ, ମନ !
ପୂଜ ତୁ ଶ୍ରୀଗୁରୁ ଚରଣ ରେ ॥୦॥

ସକଳ ମଙ୍ଗଳଦାତା ଗୁରୁଟି ଏକା
ମତି ରଖ ଗୁରୁ ପଦେ ତୁଟିବ ଦକା
ଗୁରୁ ମହିମାମେରୁ
ଗୁରୁ କଳପତରୁ
ସେ ତରୁ ଛାଇରେ ସୁଖେ କଟାଅ ଦିନ ॥୧॥

ମୋହ-ମାୟା ଘେରା ଭବ ଅନ୍ଧାର ପଥେ
ବାଟ ମଣାଇବେ ଏକା ଗୁରୁଟି ତୋତେ
ଭାଇ-ବନ୍ଧୁ-ପିଅର
ସୁଖ-ସାଥୀ ତୋହର
ଚିର-ବନ୍ଧୁ ଏକା ତୋ ଗୁରୁଟି ଜାଣ ॥୨॥

ତୋ ମନ-ଆକାଶର
ସେହି ରେ ଚାନ୍ଦ-କର
ଗୁରୁ-ଦାସ ପଣେ ତୁହି ମାଗ ଶରଣ ॥୩॥

❖

## (୯)

ଗୁରୁ ପଦେ ମାଗ ରେ ଯାଇ
ବାଇ ହେବୁ ବୋଲି ସେ ନାମ ଗାଇ ॥୦॥

ଗାଇବୁ ତୁ ସେ ନାମ ଯେବେ
ଶୁଣି ଜନେ ପାଗଳ ହେବେ
ସେଇ ସୁର-ଛନ୍ଦ ତାଳମାନ ଜଗି
ଗାଇ ଜଗତରେ ଦିଅ ମତାଇ ॥୧॥

କଠିଣ ସେ ପୀରତି-ଗୀତି
ନ କଲେ ତୁ ପଥର ଛାତି
ଗାଇଲା ବେଳକୁ ରିପୁକୁଳ ଆସି
ତାଳମାନ ତୋର ଦେବେ ଭଙ୍ଗାଇ ॥୨॥

ରହିବାକୁ ଭଗାରି ଦୂରେ
ଅଳି କର ଗୁରୁ ଛାମୁରେ
ଗୁରୁ ଚାହିଁଦେଲେ ଆଖି ପିଛୁଳାକେ
ଛାଏଁ ସେ ତୋ ପାଶୁ ଯିବେ ପଳାଇ ॥୩॥

ଏଥକୁ ତୁ ଗୁରୁଙ୍କୁ ଭେଟି
ଦେବୁ କହ ତୋର କେଉଁଟି
ଧନ, ମାନ ଯାହା ସବୁ ତାଙ୍କ ଦାନ
ମନ ତୋର ଦିଅ ଗୁରୁଙ୍କୁ ଧାୟି ॥୪॥

❖





## (୧୦)

କି କରି ହେବୁ ରେ ପାରି ଭବ-ସାଗର
କିଏ ତୋର ସାହା ବାଇମନ, ବିଚାର

ଜ୍ଞାନ-ଭେଳାକୁ ସାର
କର ତୁ ନିରନ୍ତର
ବିବେକରୂପୀ ଗୁରୁ
ନାଉରୀ ପ୍ରସାଦରୁ
ପୂରିବ ମନ-ଆଶା ତୋହର ॥୧॥

ମୋହ-ମାୟା ଅନ୍ଧାର
ଆଖି ଘେରାଏ ତୋର
ଆଶା-ଝଞ୍ଜା ପବନ
ପ୍ରସରେ ଘନ ଘନ
ପୁଣି ପ୍ରବୃତ୍ତିର-ଉର୍ମି ପ୍ରଖର ॥୨॥

ଅଭିମାନର ଧାର
ବହଇ ଖରତର
ଷଡ଼ରିପୁ ପ୍ରବଳ
କରନ୍ତି କଲବଲ
ହିଂସୁକ ଜୀବଜନ୍ତୁ ପ୍ରକାର ॥୩॥

କିଏ ତାରିବ ବୋଲି
ହେଉ ଯାହା ବାଉଳି
ଘରେ ଅଛି ସେ ତୋର
ମନଟି ଟାଣ କର
ଖୋଜିଲେ ଭେଟ ହେବ ତାହାର ॥୪॥

❖



## ମହିମାଗାନ

'ମହିମା' ତୁ ଗାନ କର ରେ ମନୁଆଁ !
'ମହିମା' ତୁ ଗାନ କର
ଚଞ୍ଚଳତା କରି ଦୂର ରେ ମନୁଆଁ !
ମହିମା ଦୃଢେ ସୁମର ॥

(୧)

କହ ବନ୍ଧୁ !
ମୋତେ ସତେ କେତେ ସୁଖ ପାଅ
କି ବୋଲି ଡାକିବି କାନେ କାନେ ଥରେ କହ ।।୦।।

ଅଧମ-ମଣ୍ଡଳେ ଛତି ମୁଁ ଟେକିଛି
ଜାଣି ଜାଣି ବଣା ବାଟେ ମୁଁ ଚାଲିଛି
ହାତ ଧରି ପଥ ମଣାଇ ନେଉଛ
କାହିଁକି ଏଡ଼ିକି ସ୍ନେହ,
ମୋ ଲାଗି କାହିଁକି କରୁଣା ଦୁଆର ସବୁବେଳେ ମେଲି ଦିଅ ? ।।୧।।

ନାରୀ ଅବା ନର ନ ପାରୁଛି ବାରି
ପିତା, ପୁତ୍ର ଅବା କିଏ ସେ କାହାରି
କାହିଁକି ନିରତେ ଅନ୍ଧାରେ, ଆଲୋକେ
ମୋ ଆଡ଼କୁ ଚାହିଁ ଥାଅ ?
କାହିଁକି ଆଶିଷଧାରା ଏ ପାପୀର ମଥା ପରେ ବରଷାଅ ? ।।୨।।

ପାଶେ ଡାକ ମୋତେ ଯେତେ
ଦୂରେ ଘୁଞ୍ଚିଯାଏଁ ତେତେ
ତେବେକେ ତୁମର ଦୟାର ଦୁଆର
ମୁକୁଳାଇ ଦେଇ ଥାଅ
କେତେ ଆପଣାର କର ତୁମେ ସତେ
କୋଳେ ମୋତେ ଟାଣିନିଅ ।।୩।।

❖

(୨)

ଡର କାହିଁକି ରେ, କରୁଥାଉ ଶମନରେ
ଜଗତ-ଠାକୁର ଭବ-ଭୟହର ମତି ରଖ ତା' ପୟରେ ।।୦।।

ଜୀବର ଜୀବନ, ପତିତତାରଣ କର ସୁମରଣ ତା'ରେ
ବୋଲ 'ଜୟଗୁରୁ' ବାଞ୍ଛାକଳ୍ପତରୁ ମନର ହରଷଭରେ ।।୧।।

ଦୁର୍ଲ୍ଲଭ ଏ ତୋର ମାନବ-ଶରୀର ଲଭିଛୁ ଯା' କରୁଣାରେ
ଅନ୍ତରେ, ବାହାରେ ହେରୁଥିଲେ ତା'ରେ ମରଣ ଛାର କି କରେ ? ।।୨।।

କାମ, କ୍ରୋଧ, ଲୋଭ ଆଦି ଯେଉଁ ଷଡ଼ଭଗାରୀ ତୋର ସଂସାରେ
ଅଞ୍ଜଳି ଦେଇ ତୁ ଚରଣରେ ତା'ର ଛାର ମଣ ଦୁଃଖ ଭାରେ ।।୩।।

❖





(୩)

ମନ ଭ୍ରମରା ରେ, ମନ ଭ୍ରମରା !
ମନ ଭ୍ରମରା ! ତୁ ଉଡ଼ି ଚାଲ ରେ, ମନ ଭ୍ରମରା ! ।୦।

ଗୁରୁ ପଦ ତଳେ କମଳ ଫୁଟିଛି
ମଧୁ-ମକରନ୍ଦ-ଝରା
ମରୁ ଥଳେ ସୁର-ଗଙ୍ଗା ତ ବହୁଛି
ମଧୁର ଅମିୟ-ଭରା ରେ
କରି ପାନ, କରି ପାନ ହୁଅ ମତୁଆରା ରେ ।।୧।।

ଭେଟିବାକୁ ପଦ ଭାବର-ସାଗରେ
ଦିଅ ତୁ ବୁଡ଼-ପହଁରା
ଗହୀର ପାଣିରେ ମଗର, କୁମ୍ଭୀର
ମାରୁଛନ୍ତି ପଇଁତରା ରେ
ତୋ ଭଗାରି, ତୋ ଭଗାରି ବାଟ ଭାଙ୍ଗି ପଳା ରେ ।।୨।।

ରଙ୍ଗରେ ଭଳି ତୁ ପଳାଶ ଫୁଲରେ
ନ ବିଚାର ଶତଦଳ
ମାୟାର ରଙ୍ଗରେ ବାସନା ଥାଏ କି
ଆଖି-ଭୁଲା ତାର ଖେଳ ରେ
ମାୟାଜାଳ, ମାୟାଜାଳରେ ନ ଦିଅ ଧରା ରେ ।।୩।।

ଉଆଁସିଆ ରାତି ମେଘୁଆ ଅନ୍ଧାରେ
ମାରେ ଚହଟ ବିଜୁଳି
ମଣାଏ ବାଟ ଯେ ବଣା ବାଟୋଇରେ
ଖଣାକୁ ନ ଦେଇ ଠେଲି ରେ
ଗୁରୁ ଏକା, ଗୁରୁ ଏକା ସେ ତୋ ଆଖି ତାରା ରେ ॥୪॥

ବେଳ ଥାଉ ଥାଉ ସାଉଁଟି ରଖ ତୁ
ବାଟ ଖରଚାକୁ ଥାତି
କିଏ ଜଣେ ଆଖି ପିଛୁଳାକେ କେବେ
ଲିଭିବ ତୋ ଘର ବତୀ ରେ
ଚେତ ଏତେ, ଚେତ ଏତେ ଦି' ଦିନିଆଁ ଧରା ରେ ॥୫॥

ଶୋଷ-ଭୋକ-ହରା ସେ ମହୁ-ମଧୁରା
ପ୍ରେମ ବୋଲି ଯା'ର ନାମ
ପିଅ ରେ ଭ୍ରମରା, ଗୁରୁପଦ ତଳୁ
ଝରୁଛି ତା' ଅବିରାମ ରେ
ଅସରନ୍ତି, ଅସରନ୍ତି ସେ ଭଣ୍ଡାର ପରା ରେ ॥୬॥

❖





(୪)

(ଚିହ୍ନାଜଣା) କଳପନାର ତ ତୁମେ ବାହାର
କାହୁଁ ଚିହ୍ନିବି ମୁଁ ଛାର ମାତର ॥୦॥

ନର ଦେହ ରୂପରେ ସତେ
ଦେଖା ଦେଲ ସିନା ମରତେ
ଏ ତୁମର ଲୀଳା କିଏ ସେ କଳିବ
ଭାଳିଲେ ତ ଘୂରି ଯାଉଛି ଶିର ॥୧॥

ଯୋଗୀ ମନ ଧିଆନେ ଯୋଗୀ
ତ୍ୟାଗୀଜନ ଗହଳେ ତ୍ୟାଗୀ
ବିବେକର ତୁମେ ବିବେକ ଗୋସାଇଁ
ଜଗତ ଜନର ଜାଣ ଅନ୍ତର ॥୨॥

ଆପଣାରେ ଆପେ ପ୍ରକାଶ
ଜ୍ଞାନାଲୋକେ ଜ୍ୟୋତି ବିକାଶ
କୋଟି ଶଶୀଜିତ ବଦନ ସୁନ୍ଦର
ପ୍ରେମ-ପାରାବାର ରତନ-ସାର ॥୩॥

ଚେତନର ତୁମେ ଚୈତନ୍ୟ
ତତ୍ତ୍ୱମୟ ବିଶ୍ୱବରେଣ୍ୟ
ରସରାଜ ତୁମେ ସରାଗ, ସୋହାଗ
ତୁମରି ରୂପରେ ଠୁଳ ସକଳ ॥୪॥

ପାଗଳ ମୁଁ ତୁମ ନାମରେ
ଆନ ବାଞ୍ଛା ନାହିଁ ମନରେ
ଯାହା ଇଚ୍ଛା କର, ତିଳେକ ମାତର
ଶୋଚନା ତହିଁକି ନାହିଁ ଠାକୁର ! ॥୫॥

❖





(୫)

ଯେ ଦିନୁ ଦେଇଛି ସମ୍ପି ତୁମ ପଦେ ମନ
ପାସୋର ଯାଇଛି ମୋର ସକଳ ବେଦନ
କୃପା-ସାଗର ହେ !
ଜଣାଇବି କିବା ଦୁଃଖ ଅଛି ଆଉ ମୋର ? ॥୧॥

ଆଖି ତ ଦେଖୁଛି ଧରା ସରସ ସୁନ୍ଦର
ଅନନ୍ତ ଗଗନ ଚିର ମହାନ ଉଦାର
ବନ୍ଦି ପୟର ହେ !
ମଥା ନତ କରି ରଟେ ଓଁ କାର ମନ୍ତର ॥୨॥

ଦିବସେ ତପନ ଉଇଁ ମହୀ ଝଲସାଏ
ନିଶିଥେ ବିମଳ କର ଢାଳି ଶୀତଳାଏ
ଶଶୀ ହସି ହସି
ସରାଗେ ସୁଧା-ସରିତ ବରଷି ବରଷି ॥୩॥

ଭରିଛ କୁସୁମେ ମଧୁଭରା ହାସ, ବାସ
ଅଳି ଅଳି କରି ମଧୁପାନରେ ହରଷ
ମନ ପୁଲକାଇ
ମଳୟ ସଞ୍ଚରେ ତବ ଦୟାଦାନ ପାଇ ॥୪॥

ମାଆ କୋଳେ ମୋ ଲାଗି ତ ରଖିଛ ସାଇତି
ସେନେହ-ସୋହାଗ, ଛାର ସରଗ ସମ୍ପତ୍ତି
ପୁଣି ସହୃଦୟ
ବଚନେ, ମନନେ ସିଞ୍ଚେ ଜୀବନେ ଅମିୟ ॥୫॥

ଚରଣେ କୃତଜ୍ଞ ଚିତ୍ତେ ପ୍ରଣତି ଜଣାଏଁ
ଊଣା କର ନାହିଁ ଦୀନେ କରୁଣା କଣାଏ
ମନାକର ନାହିଁ
ମଣିମା ହେ ! ଚିର ସେବା-ଦାସପଣ ସାଇଁ ॥୬॥

❖





(୬)

ଗୁରୁ ଏକା ପତିତପାବନ
ଗୁରୁ ଧନେ ନ ଚିହ୍ନିଲୁ ମନ ରେ ॥୦॥

ଗୁଣର ଅତୀତ ସେ ଯେ ଧିଆନ ଅତୀତ
ସଚ୍ଚିଦାନନ୍ଦ ସ୍ୱରୂପ ସେ ଯେ ନିତ୍ୟ ସତ୍ୟ
ଦରଶନ ଲଭେ ଯେହୁ ସେହୁ ଭାଗ୍ୟବାନ ରେ ॥୧॥

କରୁଣାର ସିନ୍ଧୁ ଗୁରୁ-କୃପା ଅହେତୁକ
ଶୋକ, ଦୁଃଖ ନ ଜାଣଇ ସେ ପଦସେବକ
ଭବ-ନଦୀ ନାବିକ ସେ ନାମ ନିରଞ୍ଜନ ରେ ॥୨॥

ଜନମ ଜନମ ତପ-ଫଳ ଥିବ ଯା'ର
ସଦଗୁରୁ କୃପା ଏକା ସଉଭାଗ୍ୟ ତା'ର
କାହାରେ ପଶରା ତା'ର, ଛାର ତ ଶମନ ରେ ॥୩॥

❖

(୭)

ଏ କି ଦେଖିଲା ଆଖି
ବିହି ଆଣିଲା ଧରା ତଳେ ଚାନ୍ଦ କି ! ॥୦॥

ଅତୁଳ ଶୋଭା ଦିଏ ଆନନ୍ଦ ଭରି
ଭାବିଲେ, ସୁଧା ଧାର ପଡ଼ଇ ଝରି
ମନ କହେ ନିରତ ହେରୁଥିବି କି ॥୧॥

ସଜାଇ ହୃଦୟର ଆସନ ମୋର
ବସାଇ ପାରିଲେ ମୁଁ ବନ୍ଦି ପୟର
ପାଆନ୍ତି ପରା ସତେ କୋଟିନିଧି କି ॥୨॥

ବଚନରେ ଅଛି ସେ କି ମଧୁରତା !
ନୟନରେ ପୁରିତ ସ୍ନେହ-ମମତା
ଅଧର ହସ ଢାଳି ଦିଏ ସୁଧା କି ? ॥୩॥

ସେ ନାମଟି ଶୁଣିଲା ଦିନୁ ଏ କାନ
ହରାଇ ବସିଲିଣି ବିବେକ ଜ୍ଞାନ
ହେରି ନୟନ ମନ ଉଠେ ପୁଲକି ॥୪॥

ସେ କଣ୍ଠସ୍ୱର ସତେ କେଡ଼େ ମଧୁର
ଭବ-ମାୟା ଜଞ୍ଜାଳ ଯାଏ ପାସୋର
ସଙ୍ଗ ଲଭିବି ଏଡ଼େ ଭାଗ୍ୟ ହେବ କି ? ॥୫॥

❖





(୮)

ତୁମ ସମାନ କେହି ନାହିଁ, ନାହିଁ ତ
ସାରା ଜଗତେ ଖେଳେ ତୁମ ଛାଇ ତ ॥୦॥

ପାଶେ ପାଶେ ନିଶି ଦିନ ସାଥୀରେ ଥାଅ
ଅବାଟରେ ଗଲେ ତୁମେ ପଥ ମଣାଅ
ରଜନୀ, ଦିନ ସାହା ହୋଇ ତ ॥୧॥

ଏକା ହୋଇ ଯେବେ କେବେ ବସି ମୁଁ ଥାଏ
ଉଦାସ ମନରେ ଚଉକତି ଅନାଏଁ
ବିଜୟ କର ବୋଧ ଦେଇ ତ ॥୨॥

ଗଢ଼ିଛ ଏ ତନୁ ତୁମେ ଆଶିଷ ଦେଇ
ଦୁନିଆଁ ଚଳଇ ତୁମ କରୁଣା ପାଇ
ମୋ ଜନମ ତୁମ ସେବା ପାଇଁ ତ ॥୩॥

❖

(୯)

ଗୁରୁ ପଦ ରାଜିବ ସେବ ରେ ମୂରୁଖ ଜୀବ
ଗୁରୁନାମ ସୁମର ସୁମର
ଜଞ୍ଜାଳ ଜାଲ ତୋର ପଲକେ ହୋଇବ ଦୂର
ନ ରହିବ ଶମନର ଡ଼ର ॥୦॥
ମିଶାଇ ସୁରରେ ସୁର
ଗୁରୁନାମ ରଟ ରେ
ଶୟନେ ସପନେ ହେଜ
ଗୁରୁ, ମହା-ମନ୍ତରେ ।
ଅନ୍ଧାର ଭବ ରାହା ଗୁରୁ ହେବେ ଚିର ସାହା
ଗୁରୁ ବ୍ରହ୍ମା, ଗୁରୁ ହରି, ହର
ଗୁରୁ ବିନେ ଆନ କେହି ସ୍ୱଜନ ଜଗତେ ନାହିଁ
ସୁଖେ ଦୁଃଖେ ଗୁରୁ ସାଥୀ କର ॥୧॥
ମଜ୍ଜି ଗୁରୁ-ନାମ ରସେ
ମଜାଅ ଜଗତରେ
ମାନସ ମନ୍ଦିରେ ତୁହି
ନିରେଖ ସେ ତେଜ ରେ
ଅମା ଘେରା ନୟନର ଗୁରୁ ଏକା ରବିକର
ପାପ ତାପ-ହାରୀ ନାମ ସାର
ଅନିତ୍ୟ ସଂସାରେ ଏକା ଗୁରୁ ପରାଣର ସଖା
ଗୁରୁଦାସ ପଣେ ଭବ ତର ॥୨॥

❖





(୧୦)

ଯହିଁକି ଯା' ସାଜେ ଭଲ
ସବୁ ତୁମେ ସଜାଡ଼ିଛ
ଦୁନିଆଁରେ ସବୁଥିରେ
ତୁମ ନାମଟି ଛାପିଛ ॥୦॥

ମେଘରେ ଚାନ୍ଦୁଆ ଟଣା
ଏହି ପୃଥିବୀ ଉପରେ
ତୁମର ସଜଡ଼ା କୋଟି
ତାରା ଝିଲିମିଲି କରେ
ମଝିରେ ବସାଇ ଚାନ୍ଦ
ହସ ତା ମୁଖେ ଭରିଛ ॥୧॥

ସଜାଡ଼ି ଖଞ୍ଜିଛ ଲତା
ତରୁରେ ଫୁଲ ଫୁଟାଇ
ପାଖୁଡ଼ାରେ ପାଖୁଡ଼ାରେ
ତୁମରି ଲେଖା ଫୁଟଇ
ସୁବାସେ ଆନନ୍ଦମୟ
ନାମ, ତୁମେ ବୋଲାଉଛ ॥୨॥

ଜଗତ-ଜୀବନ ତୁମେ
ଜଳେ ତୁମ ନାମ ଲେଖା
କମଳ ଆନନ୍ଦେ ସାଜେ
ତୁମରି ଚରଣ ରେଖା
ଲେଖା, ରେଖା ଭଳି ଦେଖା
କାହିଁ ପାଇଁ ନ ଦେଉଛ ? ॥୩॥

ସବୁରି ଭିତରେ ତୁମେ
ରହିଛ ଅଦେଖା ହୋଇ
ଯେତେ ମୁଁ ଡାକିଲେ ଦୂରେ
ଦୂରେ ଯାଉଛ ପଳାଇ
ଜୀବନ ମଝିରେ ଛପି
ପ୍ରାଣ-ବନ୍ଧୁ ବୋଲାଉଛ ॥୪॥

❖



## ନାମମାହାତ୍ମ୍ୟ

"ନାମ-ମାହାତ୍ମ୍ୟ" କୀର୍ତ୍ତନ ରେ ମନୁଆ !
"ନାମ-ମାହାତ୍ମ୍ୟ" କୀର୍ତ୍ତନ
କର ତୁ କଣ୍ଠ-ରତନ ରେ ମନୁଆଁ !
ଜୀବନ ହୋଇବ ଧନ୍ୟ ॥

(୧)

ଡରିମରୁ କାହିଁକି ରେ ବାଉଳା ମନ
ବହୁଛି ବୋଲି ଏ ଝଡ଼-ଝଞ୍ଜା ପବନ ॥୦॥
ଆଖି ପିଛୁଳାକେ କାହିଁ
ଯିବ ରେ ସବୁ ଉଭାଇ
ଚିନ୍ତା ଛାଡ଼ି କଲେ ଗୁରୁ-ନାମ ଭଜନ
ସରଗ ଦେବତା ଯା'ର କରେ ପୂଜନ ॥୧॥
ଭଜନ କଲେ ତୁ ନାମ
ପାଇବୁ ରେ ଦରଶନ
ଗୁରୁଦେବ ହୋଇବେ ରେ ତୋତେ ପ୍ରସନ୍ନ
ଆଉଁଷି ଦେବେ ତୋ ମଥା ଯିବ କଷଣ ॥୨॥
ମନ-ଗନ୍ତାଘରେ ତୋର
ନାମ-ରତନ ତୁ ଭର
ଧନୀ ହୁଅ ଦୁନିଆରେ ସଞ୍ଚି ସେ ଧନ
ଲୁଟି ନ ପାରିବେ ତାକୁ ତିନି ଭୁବନ ॥୩॥
ଲହରୀ ଭରା ନଈରେ
ବସି ଦଦରା ନାଆରେ
ଡରରେ ଛାନିଆଁ ହେଲାବେଳେ ଜୀବନ;
ଏକା ଗୁରୁ ନାଉରୀଆ କରିବେ ତ୍ରାଣ ॥୪॥
ଆସିଛୁ ତୁ ଖାଲି ହାତେ
ବାହୁଡ଼ିବୁ ଖାଲି ହାତେ
ମଝିରେ ଛଅ ଭଗାରି, ପୀଡେ ପରାଣ
ଡରି ପଳାଇବେ ଘେନ ଗୁରୁ ଶରଣ ॥୫॥

## (୨)

ହରି ବୋଲ ମନ ବୋଲ ହରି
ହରି-ରସେ ଭସାଅ ତୁ ତରୀ ॥୦॥

ସଂସାରେ ଥାଇ ଯେ ଜନ
ଥରେ ହେଲେ କରେ ସ୍ମରଣ
ହରି ଦୁଃଖ-ତାପ-ଶୋକ ଅପସାରି
ଅଶେଷ କଲୁଷ ନେବେ ରେ ହରି ॥୧॥

ଯୁଗେ ଯୁଗେ ମୁନି ଧିଆନୀ
ହରି ନାମ ସରବେ ଗୁଣି
ନାମ-ସାଗରରେ ଭାସି ନିରନ୍ତରେ
ଭୋଳ ହେଲେ ପିଇ ଅମିୟ ବାରି ॥୨॥

ଆସ ମନ, ବରଜି ମାୟା
ହରି ନାମେ ହୁଅ ରେ ବାୟା
ଛାର କାୟା-ମୋହ ପାସୋରି, ହୁଅ ତୁ
ହରି ପଦତଳେ କୃପା ଭିଖାରୀ ॥୩॥

❖





## (୩)

ଗୁରୁ ନାମ ରଟ ରେ ମନ
ଗୁରୁ ବିନେ ନାହିଁ ଆନ ଶରଣ ॥୦॥

ପାପୀ, ତାପୀ ଅଛ ଯେ ଯହିଁ
ଗୁରୁ ନାମ ଗାଅ ରେ ଭାଇ !
ସାରା ଜନମର କଲୁଷ-କାଳିମା
ଧୋଇଯିବ ନାମ କଲେ ଭଜନ ॥୧॥

ତେଜ ମନୁ ଗରବ, ମାନ
ଭୋଗରେ ତୁ ନ ରଖ ମନ
ତୁଚ୍ଛ ସୁଖ ଆଶ କରି ମରୀଚିକା-
ପଛରେ ନ କର ଅନୁଧାବନ ॥୨॥

ଦି' ଦିନର ସୁଖରେ ଭୁଲି
ମିଛେ ମିଛେ ନୁହଁ ବାଉଳି
ପିଇ ନାମାମୃତ, ରସେ ଅବଗାହି
ନିଶି ଦିନ ହୁଅ ପ୍ରେମେ ମଗନ ॥୩॥

❖

(୪)

'ଜୟଗୁରୁ' 'ଜୟଗୁରୁ' ନାମ ଗାଅ
ଗୁରୁନାମେ ରଟ ଜୟ ଜୟ ॥୦॥

ଆସ ରେ ସରବେ ଆସ ମାତି ପ୍ରେମାନନ୍ଦେ
ପାନ କର ଗୁରୁନାମ ସୁଧା-ମକରନ୍ଦେ
ଶାନ୍ତିଧାମ, ମୁକ୍ତିଧାମ ସେ ନାମ ଅକ୍ଷୟ ॥୧॥

ପ୍ରପଞ୍ଚ ସଂସାର ଏ ତ ଅତି ଭୟଙ୍କର
ଷଡ଼ ବଇରୀ ନିରତ କରନ୍ତି ସଞ୍ଚାର
ତାରକ ବ୍ରହ୍ମ ସେ ନାମ ନିବାରିବେ ଭୟ ॥୨॥

ମାୟାନଦୀ ପାର ପାଇଁ ସେ ତ ନାଉରୀଆ
ମୋହର-ଭଉଁରୀ ଜଳେ ସେହି ଏକା ସାହା
ସମ୍ପଦେ, ବିପଦେ ଗୁରୁ ପଦେ ରଖ ଲୟ ॥୩॥

ଅନାଥର ଶରଣ ସେ ଅଗତିର ଗତି
ଗୁରୁ ଅନ୍ଧ ନୟନର ଚନ୍ଦ୍ରିକାର ଜ୍ୟୋତି
ଜୀବନେ ମରଣେ ଗୁରୁ ପଦଟି ଆଶ୍ରୟ ॥୪॥

❖





(୫)

ମନ !'ଜୟଗୁରୁ' 'ଜୟଗୁରୁ' ବୋଲ
ତୋର ହୃଦୟ-ଦୁଆର ଖୋଲ, ଖୋଲ ॥୦॥

ସଂସାର ମାୟା-ବନ୍ଧନ କଠୋର କଠିନ
ଫିଟାଇ ଦେବାକୁ ସେ ତ ଦେବେ ରେ ସନ୍ଧାନ
ସମ୍ପଦେ, ବିପଦେ ଗୁରୁ ନାମ କର ସାର ॥୧॥

କି ଛାର ମରଣ ଡର ଘେନ ରେ ଶରଣ
ଗୁରୁ ଗଢିଦେବେ ହେଳେ ଅମୃତ ସୋପାନ
ମୁକତି ପଥର ସେ ତ କମ-କାରିଗର ॥୨॥

ଗୁରୁ ଅଙ୍ଗେ ବିରାଜିତ ବ୍ରହ୍ମ ସନାତନ
ଘେନାଇ ଦେବେ ନୟନେ ଜ୍ଞାନର ଅଞ୍ଜନ
ହେରିବୁ ଜ୍ୟୋତି ରୂପ ପରମ ସୁନ୍ଦର ॥୩॥

ପାହୁଣ୍ଡେ ମାତର ଗଲେ ତାଙ୍କ ପାଶେ ଧାଇଁ
ସହସ୍ର ଯୋଜନୁ ଆସି ନେବେ ସେ କୋଳାଇ
ଗୁରୁ ବିନେ ନାହିଁ ତୋର କେହି ଆପଣାର ॥୪॥

ପତିତ ପାବନ ସେ ଯେ ଅଧମ ଶରଣ
ଅଗତିର ଗତି ଗୁରୁନାମର ସ୍ମରଣ
ଦୟାଳୁ ପଣରେ ନାହିଁ କେହି ସମତୁଲ ॥୫॥

❖

(୬)

ଗୁରୁ ନାମ ଗାଇ ମନ, ତାଳେ ତାଳେ ନାଚ ରେ
ଯେତେ ତୋର ଭୟ ସବୁ ପଡ଼ିଯିବ ପଛରେ ॥୦॥

ପ୍ରେମ-ସୁଧା କରି ପାନ ହୁଅ ମତୁଆଲ ମନ !
ମାୟା, ମୋହ ପାଠ ଯେତେ ପଢ଼ିଛୁ ତୁ ପୋଛ ରେ ॥୧॥

ଜାଣୁ କି ନା ଏ ସଂସାର ଦି' ଦିନର ଖେଳଘର
ଆଖି ଥାଉ ଥାଉ ସିନା ଅନ୍ଧ ହେଉ ମିଛରେ ॥୨॥

ଅଜାଣତେ କାଳ ଆସି ଦେବ ତୋ ଗଳାରେ ଫାଶୀ
ରଖିବେ ଏକା ସେ ଗୁରୁ ପତାଅ ତୁ ହାତ ରେ ॥୩॥

ଅଙ୍ଗେ ଗୁରୁପଦ ଧୂଳି ଏତେ ବେଳୁ ହୁଅ ବୋଲି
ଗୁରୁନାମ ଦିବାନିଶି ଭଜ ଧୀର ଚିତ୍ତରେ ॥୪॥

ବୋଲ ମାନ, ବାଇମନ ! କର ଗୁରୁ ସଂକୀର୍ତ୍ତନ
ସେ ଏକା ଜୀବନ ସାହା, ଆଉ ସବୁ ତୁଚ୍ଛ ରେ ॥୫॥

❖





(୭)

ନାମ ଭଜନ କର ମନ
ଭବ-ଭୟ ନିବାରଣ ଯା' ନାମ ସ୍ମରଣରେ ॥୦॥

ହେର ମନ ଧିଆନରେ ନୟନ ପୂରାଇ
ଚରାଚରେ ଦିଗମ୍ବର ରୂପ ବିରାଜଇ
ସେହି ରେ ନିଖିଳ-ବିଶ୍ୱ-ତାରଣ-କାରଣ ରେ ॥୧॥

ଶୁଣ ରେ ଉଛୁଳେ ତା'ର ଜୟ ଜୟ ଗୀତି
ଶୂନ୍ୟେ ବିରାଜଇ ସେ ଯେ ଶୂନ୍ୟେ ତା'ର ଗତି
ଅବିନାଶୀ, ଅବିକାରୀ ସେ ତ ସନାତନ ରେ ॥୨॥

ଆନନ୍ଦ, ଆନନ୍ଦମୟ ତାହାର ଆଶିଷ
ରବିରେ, ଶଶୀରେ ତା'ର ଜ୍ୟୋତି ପରକାଶ
କାନ୍ତି ସୁନନ୍ଦନ ଶାନ୍ତିଧାମ ନିରଞ୍ଜନ ରେ ॥୩॥

ମାୟା, ମୋହ, ମଦ ତୋର ଜୀବନ ବଇରି
ବିନାଶନ ପାଇଁ ମାଗ କରୁଣା ତାହାରି
ସାର କର ତା' ଚରଣ ମୁକତି କାରଣ ରେ ॥୪॥

❖

(୮)

କିଏ ନେବ ରେ ସୁଧା ନାମ-ରସ ଆସ
ଏ ରସ ପିଇଲେ ହେବ ଭୋକ, ଶୋଷ ନାଶ ॥୦॥

ମୂକ ବାଚାଳ ହୋଇବ
ପଙ୍ଗୁ ଗିରି ଲଙ୍ଘି ଯିବ
ଅନ୍ଧ ଆଖି ଦେଖିବ ରେ ପରମ ପୁରୁଷ ॥୧॥

ନାମ-ତରୁ ଡାଳେ ଡାଳେ
ଭକତି-ସୁମନ ଦୋଳେ
ମୁକତି-ଫଳ ଚାଖ, ତୋ ମେଣ୍ଟିବ ପିଆସ ॥୨॥

ଭବ-ସିନ୍ଧୁ ଉର୍ମିମେଳା
ନାମ ଯେ ତାରଣ ଭେଳା
ନାମ ଗାଇ ହୁଅ ବାଇ ନାମରେ ବଳାଅ ଆଶା ॥୩॥

❖





(୯)

ଜାଣି ନ ଥିଲି ମୁହିଁ ତ ନାମଟି ଏଡ଼େ ମଧୁର
ଦୁଃଖ, ଶୋକ ନାମ ଗାନେ ହୁଏ ବୋଲି ସତେ ଦୂର ॥୦॥

ନାମ ଯେବେ ମୋର କଣ୍ଠ ପରଶିଲା
ସରଗରୁ ସୁଧା ଧାର ବରଷିଲା
ଅଙ୍କୁରି ଉଠିଲା ପ୍ରେମ-ବୀଜ ଦଳ
ମରୁ-ହୃଦୟେ ମୋହର ॥୧॥

ସେ ନାମ-ସଙ୍ଗୀତ ବୀଣାର ଝଙ୍କାରେ
ଚଉଦିଗ ତାରେ ନାରଦ କରରେ
ଶାନ୍ତିପୁରେ ଦିନେ ସେ ନାମ-ସଙ୍ଗୀତ
ନଦିଆ କଲା ବିହ୍ୱଳ ॥୨॥

ଭାରତର କେତେ ଯୋଗୀ-ଋଷି କଣ୍ଠେ
ଏବେ ବି ସେ ସ୍ୱର-ଗୁଞ୍ଜରଣ ଫୁଟେ
ସେ ସ୍ୱର ଲହରୀ ବରଜେ ପହଁରି
ମଜାଇଲା ଗୋପୀ କୁଳ ॥୩॥

ନାମ-ସୁଧା ପାନେ କ୍ଷୁଧା, ତୃଷା ହରେ
ନାମର ମହିମା କହିଲେ ନ ସରେ
ଭୁଲା-ମନ ! ସେହି ନାମ ଗାଇ ଗାଇ
ହୁଅ ଭବ-ନଦୀ ପାର ॥୪॥

❖

(୧୦)

କର ମନ, ନାମ-ରତନ କଣ୍ଠ ହାର
ମନ-ସୁତାରେ ଗୁନ୍ଥ ତୁ ପଦକ ତାହାର ॥୦॥

ଧରି ଗୁରୁନାମ ଗୋଟି
ସୁତା ମୂଳେ କର ଗଣ୍ଠି
ବୁକୁରେ ଦୋଳାଇ ନାଚ, ନାଚ ନିରନ୍ତର ॥୧॥

'ଜୟଗୁରୁ' ସ୍ୱର ଧର
ଗଳା ତୁ ସାଧନ କର
ଗାଇ ସେହି ନାମ ତୋଳ ସ୍ୱରର ଝଙ୍କାର ॥୨॥

ଶୁଣି ତୋର ମଧୁ କଣ୍ଠ
ଦୁଃଖ କାଟିବ ରେ ବାଟ
ଦୂରରେ ଲୁଚିବେ କାହିଁ ମୋହ, ମାୟା ଘୋର ॥୩॥

ଗଡ଼ିଯାଏ ପରା ଦିନ
କର ମନ ଗଣ୍ଠି ଧନ
ଗୁରୁନାମ ରତ୍ନ ସଞ୍ଚ ପୂରାଅ ଅମାର ॥୪॥

ଏ ମର-ସଂସାରେ ଭାଇ !
ଆନ କେହି ସାହା ନାହିଁ
ଜ୍ଞାନ-ବତୀ ଜାଳି ଗୁରୁ ହେବେ କର୍ଣ୍ଣଧାର ॥୫॥

❖



# ଆତ୍ମାନୁଚିନ୍ତା

"ଆତ୍ମାନୁଚିନ୍ତା" ଟି ମୂଳ ରେ ମନୁଆଁ !
"ଆତ୍ମାନୁଚିନ୍ତା"ଟି ମୂଳ
ଗତି, ମୁକତି କି ତୋର ରେ ମନୁଆଁ !
ସେହିଟି ସହାୟ ବଳ ॥

## (୧)

ମନୁଆଁ ବିଚାର ତ ନ କଲୁ ତୁ ଦିନେ !
କୋଳି ଖାଇ ମଞ୍ଜି ପୋତି ବସୁ ମନେ ମନେ ରେ ।୦।

ଆଜି ପରେ କାଲି ଆସେ ତୋ କାଲରୁ ଦିନେ ଖସେ
ତୁ ବୋଲୁ ତୁ ବଡ଼ ହେଲୁ, ସତ କି ରେ ତାହା ?
ସକାଳେ ତ ରବି ଉଏଁ ଦିନ ବଢେ ଲୋକ କହେ
ଦିନ ଶେଷେ ରଙ୍ଗ ମୁହେଁ ବୁଡ଼େ ପୁଣି ଚାହାଁ ରେ
ଛାଇ ତାର ଛପେ କାହିଁ ଅନନ୍ତ ଗଗନେ ।।୧।।

ଆୟୁ ସୂର୍ଯ୍ୟ ଅସ୍ତମୁଖୀ ନିତି ଦେଖେ ମେଲା-ଆଖି
ଦେଖୁ ଦେଖୁ ଅଦେଖା ତୁ, ଜାଣି ତୁ ଅଜଣା
ପଚାରୁଛି ପଦେ କଥା କହ ଦେଖି ଛୁଇଁ ମଥା
ଅନ୍ଧାର ଘନାଇ ଆସେ, ନାହିଁ କି ଚେତନା ରେ,
ଭବନଦୀ ପାର ହେବୁ କେଉଁ ଆୟୋଜନେ ।।୨।।

ତରାଇ କାହିଁ ରେ ତୋର ବିଚାରି ତା' ଠାବ କର
ଦୂରେ ତୁ ତ ଠେଲୁ ତା'ରେ ନ ମଣି ଆପଣା
କାମ, କ୍ରୋଧ, ଲୋଭ, ମୋହେ ବନ୍ଧୁ ବୋଲି ମଣୁ ସ୍ନେହେ
ଏଇ ସାଥୀ ତୋ ଲାଗି ଯେ ଖୋଳୁଛନ୍ତି ଖଣା ରେ
ସତ ବୋଲି ମଣୁ ତୁ ଯେ ଦିନର ସପନେ ।।୩।।

ପ୍ରେମର ଅଞ୍ଜନ ମାଖି ଗୁରୁକଞ୍ଜ ପଦ ଦେଖ
ରିପୁ ନିବାରଣେ ଏକା ସେହି ତୋର ସାହା
ଗତି ମୁକତି ନିବାସେ ଜୀବନର ଦିନ ଶେଷେ
ଅନ୍ଧାରେ ସେ ଦୀପ ଜାଳି ବତାଇବେ ରାହା ରେ
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ ନମ ସେ ଚରଣେ ।।୪।।

❖

(୨)

ଆଖି ଆଗେ ବଢ଼ି ନଇ
ହାଲପା ମାରୁଛି, ଅତଡ଼ା ଖାଉଛି
ଥଳ, କୂଳ ଦିଶୁ ନାହିଁ ॥୦॥
ଉତ୍ତରା ପିଟୁଛି ବାଆ
ଶିହରି ଉଠୁଛି ହିଆ
ଭଣ୍ଡାରକୋଣରେ କାଳି ମେଘ ତଳେ
ବିଜୁଳି ଦେଉଛି ଚାହିଁ
ମହା ମହା ଦ୍ରୁମ ଭସାଇ ନେଉଛି
ସୁଅ ଦୁଇ କୂଳ ଖାଇ ॥୧॥
ଜାଣେ, ଜାଣୁ ଦୁଃଖ ଦେଇ
ସେଥିକି ଖାତର ନାହିଁ
ଏତିକି ମାତର ମାଗୁଣି ମୋହର
ଛାତି ମୋତେ ଦିଅ ସାଇଁ!
ତୋହରି ଆଶିଷେ ତୋତେ ହରାଇବି
ତୋହ ଦିଆ ଦୁଃଖ ସହି ॥୨॥
ନଇ ସେ ପାରି ମୋ ଘର
କହୁ ନାହିଁ ପାରି କର
ନାଉରୀ ରେ! ତୋର କାତ ଖଣ୍ଡି ମୋର
ହାତକୁ ଦିଅ ବଢ଼ାଇ
ଛାଏଁ ବାହି ନେବି ହୁଲି ଡଙ୍ଗା ଖାଲି
କାତର ଭିଖାରୀ ମୁହିଁ ॥୩॥

❖





(୩)

ଚରଣ ତଳେ ତବ ଶରଣ ମାଗେ ନିତି
ବିତର କରୁଣା-ପୂତ ବାରି
ଆଶିଷେ ତବ ପ୍ରଭୁ! ହେଲେ ମରଣ ଲଭୁ
ଅହି ସରି ବିଷୟା-ଭଗାରି ॥୦॥
ଅନୁଦିନ ଏ ମନ କରୁ ତବ ଚିନ୍ତନ
ନୋହି ଅସତ ପଥଚାରୀ
ଅନ୍ତରୁ କରିଦିଅ ଅନ୍ତ ନିରନ୍ତର
ପାପ ହେ କଲ୍ମଷହାରୀ! ॥୧॥
ଚଞ୍ଚଳ ମନ ଚିର ଜ୍ଞାନ ଦାନ କର
ହେ ଭବ-ମଙ୍ଗଳକାରୀ
ପ୍ରଣତି ନିବେଦନ ଘେନ ହେ ବନ୍ଦନ!
ଭବ-ସାଗରୁ କର ପାରି ॥୨॥

❖

(୪)

ଆପଣାର କରି କିଏ ସେ ଚାହିଁବ ମୋତେ
ଚଉଦିଗେ ଖାଲି ଦେଖେ ସୁଖସାଥୀ ଯେତେ ॥୦॥
ଗତିହୀନ ଜନ ପାଇଁ
ସାହା କାହିଁ ଦିଶୁ ନାହିଁ
ଆହା ପଦେ କହି ଆଖି ଲୁହଧାର
ପୋଛି ଦେବାକୁ ପଣତେ
ତୁମ ବିନା ଆଉ କିଏ ଅଛି ଏ ଜଗତେ ? ॥୧॥

କାତରେ ଡାକୁଛି ସାଇଁ
ରାହା ନ ଦିଶଇ କାହିଁ
ଘେରିଆସେ ଘନ ଘୋର ଅନ୍ଧକାର
ଝଡ଼ ଝଞ୍ଜା ତୁଲେ ସତେ
ଦୀପ ଜାଳିଦିଅ ଜଣାଏଁ ଦୀନ ଆରତେ ॥୨॥

ସଂସାର-ତାପେ ତାପିତ
ଚଞ୍ଚଳ ସତତ ଚିତ୍ତ
ଶରଣ ଦିଅ ହେ ଜଗତ-ତାରଣ
ଡାକୁଛି ଅନୁବରତେ
କରୁଣା-ନୟନେ ଅନାଅଁ ଏ ଅନୁଗତେ ॥୩॥

❖





(୫)

ବାଉଳା ମନ, ଏଣେ ତେଣେ ବୁଲୁ ଅକାରଣ ॥୦॥

ଭଣ୍ଡାରେ ସାଇତା ତୋର କୁବେର ମଣି କାଞ୍ଚନ
ପରମ ପରଶମଣି ଜାଣୁ ଜାଣୁ ତୁ ଅଜାଣ
ଖୋଜିଲା ପରି ଖୋଜିଲେ ପାଇବୁ ସିନା ରତନ ॥୧॥

ବିଚାରୁ ଯିବୁ ବୋଲି ତୁ ତ୍ରିବେଣୀ ସ୍ନାହାନ କରି
ତ୍ରିବେଣୀ ଧାରା ନିରତ ବହେ ତୋ ଅନ୍ତର ଭରି
ଅଣହେଳା କରି ମନ ମୁଦି ଦେଉ ତୁ ନୟନ ॥୨॥

ବାଟ ବଣା ହୁଅ ନାହିଁ ଗୁରୁପଦ ଧର (ମନ)
ରାହା ବତାଇ ସେ ଦେବେ କି ଭାବନା ତୋର ?
ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ପତିତ-ପାବନ ॥୩॥

❖

(୬)

ମରମ-ବେଦୀରେ ତୋର ଆଉ ଜଣେ ଅଛି ବସି
ମେଲା ଆଖି ତଳେ ସେ ଯେ ଚାହୁଁ ଥାଏ ତୋତେ ହସି ॥୦॥

ପୋତା ଧନ ସେ ତୋହରି
ଦେଇ ତୁ ମନୁ ପାସୋରି
ଛଟପଟ ହେଉ ସିନା, ଭୋକରେ ପେଟ ଆଉଁଷି ॥୧॥

ବେଦୀ ପାଶେ ଦୀପ ଜାଳ
ଲୋଡ଼ା ନାହିଁ ରେ ତଇଳ
ଆଖି ମୁଦି ମନରେ ତୁ ଡାକ ସେ ନ ଯିବ ଖସି ॥୨॥

ସେହି ସଖା, ବନ୍ଧୁ ତୋର
ଆନେ ସିନା ସାତପର
ଦୁନିଆଁ ଭିତରେ ସେ ଯେ ନିତି ସଜ, ନୋହେ ବାସି ॥୩॥

ନିରତ ଅଭୁଲା ସେ ତ
ପତିତପାବନ ନେତ
ଉଡୁଛି ଅନବରତ ଅନାଁ ଭବ-ପରବାସୀ ॥୪॥

❖





(୭)

ଅଚିହ୍ନା ଜଣକ କିଏ ?
ଅନ୍ଧାର ରାତିରେ ଅମଡ଼ା-ମଡ଼ାରେ
ରାହା ସେ କଢାଇ ନିଏ ॥୦॥

ଥରେ ହେଲେ କେବେ ଡାକିଛି ବୋଲି ତ
ମନେ ପଡୁନାହିଁ ମୋର
ଆଖି ଦେଖିନାହିଁ କାନ ଶୁଣିନାହିଁ
ରୂପ ଅବା କଥା ତା'ର
କାହିଁ ଲୁଚି ରହିଥାଏ ? ॥୧॥

ବାପ ରୂପେ କେବେ ମାଆ ରୂପେ କେବେ
କେବେ ସାଥୀ ରୂପେ ଆସି
ଦୁରୁଦିନେ ଆସି ହାତ ବୁଲାଇ ସେ
ମଥା ମୋ ଦିଏ ଆଉଁଷି
ଖୋଜିଲେ ଭେଟ ନ ପାଏ ॥୨॥

ଯହିଁ ତହିଁ ଘର ବାନ୍ଧି ରହିଥାଉ
ଲୋଡା ନାହିଁ ସେ ଖବର
ମନା ନ କରୁ ସେ ଘେନା କରିବାକୁ
ପାଦତଳେ ମୋ ଜୁହାର
ଜୀବ ମୋର ଥିବା ଯାଏ ॥୩॥

❖

(୮)

ଏ ବାଉଳା ! ଚିହ୍ନି ରଖ, ଅନାଥର ସେ ଯେ ନାଥ
ଶିରୀମୁଖରୁ ତା ଝରେ ସୁଧା ଧାର
ମାଗ ତୁ ପତାଇ ହାତ ॥୦॥
ସୁଖ, ଦୁଃଖ ଯେତେ ଆସୁ ତୋ ଜୀବନେ
ପଶରା ତିଳେକ ନ ରଖି ତୁ ମନେ
ଦିଅ ରେ ଅଜାଡ଼ି ସବୁ ତା' ଚରଣେ
ନୁଆଁଇ ନିତି ତୋ ମାଥ ॥୧॥
ପାସୋରି ଦିଅ ତୁ ଆଖିର ପଲକ
ରବିରେ, ଶଶୀରେ ହେର ତା ଝଲକ
ଚାନ୍ଦ ମୁଖେ ତା'ର ଭରିଛି ପୁଲକ
ଉଛୁଳାଇ ଦେବ ଚିତ୍ତ ॥୨॥
ଜାକି ଧର ରଙ୍ଗ ଚରଣଯୁଗଲ
ଡାକି ନାମ ମାଗ କରୁଣା କେବଳ
ଫାଙ୍କି ଆନ ଯେତେ ଦିଶେ ଝଲମଲ
ଭାଇ-ବନ୍ଧୁ-ଦାରା-ସୁତ ॥୩॥
ଆଖିରେ ତା'ର ତୁ ମିଶାଇ ଦେ ଆଖି
ସପନ, ଚେତନ ସବୁରି ସେ ସାକ୍ଷୀ
ଯିବା ବେଳେ ଉଡ଼ି ତୋର ପ୍ରାଣ-ପକ୍ଷୀ
ମଣାଇ ନେବ ସେ ପଥ ॥୪॥

❖





(୯)

ବିଚାରୁ ତୁ ବଇରାଗୀ ହେବୁ ?
ସେ ତ ସହଜ ନୁହଁ ରେ ବାବୁ ! ॥୦॥

ବିଳାସ-ବାସନା, ବିଷୟ-କାମନା ତେଜି ଏ ଦୁରୁଗୁଣଚୟ
ପ୍ରେମ-ଅନୁରାଗୀ, ଜିତେନ୍ଦ୍ରିୟ ଯୋଗୀ ହୋଇ ଶାନ୍ତ ନିରିଭୟ
ପୁଣି ଆପଣାରେ ପାସୋରିବୁ ॥୧॥

ଜ୍ଞାନ, ଭକ୍ତି, ଯୋଗ ଏକତ୍ର ସଂଯୋଗ କରି ତୁ ସାଧନ କର
ନିଃସଙ୍ଗ, ନିଷ୍କାମ ଭାବେ ଅବିରାମ ପାଳନ କରି ସଂସାର
ସୁଖେ ପ୍ରେମ-ରସ ପିଉଥିବୁ ॥୨॥

ସାଧୁଜନ ସଙ୍ଗେ ଉତ୍ତମ ପ୍ରସଙ୍ଗେ ସୁଖରେ ତୁ କାଳ ହର
ଜଗତ-ସୁଅରେ ଆନନ୍ଦ ମନରେ ବୁଡ଼ି ରହି ନିରନ୍ତର
ନିଜ ସର୍ବସ୍ୱ ବରଜି ଦେବୁ ॥୩॥

❖

(୧୦)

କଥା ଦେଇ ଦେଉଛୁ ପାସୋରି
ଏଡ଼େ ଭୁଲାମନ ହେଲୁ ସତେ ତୁ କିପରି ରେ ॥୦॥

ଆସିବା ବେଳେ କହିଛୁ ଭୁଲିଯିବୁ ନାହିଁ
ତୁ ତାଙ୍କ ପଦ-ସେବକ, ସେ ତୋହର ସାଇଁ
ଦୁନିଆଁକୁ ଆସି ମନୁ ଦେଲୁ ଦୂର କରି ରେ ॥୧॥

ଚିଦାନନ୍ଦମୟ ସେ ଯେ ନିତ୍ୟ ସନାତନ
ଗୁରୁ ରୂପେ ବିରାଜିତ ସେହି ଭଗବାନ
ଗତି, ମୁକତି କାରଣ ସବୁ ସେ ତୋହରି ରେ ॥୨॥

ଆଶେ-ପାଶେ ଘଟେ ଘଟେ ଅଦେଖାରେ ଥାଇ
ସୁଖ, ଦୁଃଖ, ଭଲ, ଭେଲ ସବୁ କରେ ସେହି
ନ ଖୋଜି ତାହାଙ୍କୁ ହେଉ ତୁ ବାଉଳା ପରି ରେ ॥୩॥

❖



## ଆକ୍ଷେପ

"ଆକ୍ଷେପ" ପାସୋର ନାହିଁ ରେ ମନୁଆଁ !
"ଆକ୍ଷେପ" ପାସୋର ନାହିଁ
ଗୁରୁ-କୃପା ଲାଭ ପାଇଁ ରେ ମନୁଆଁ !
ଗଣ୍ଠିଧନ ତୋର ସେହି ॥

## (୧)

ଦିନେ ହେଲେ ଥରେ    ମିଳନ ତୁମର
ଲୋଡ଼ିନାହିଁ କେବେ ଜୀବନେ
ଅମା ନିଶୀଥରେ    ଡାକିଛି ଦୁଆରେ
ଭାଳିନାହିଁ ଯାହା ସପନେ ॥୦॥
କିଳିଛି ଦୁଆର    ଅତିଥିରେ ମୁହିଁ
ସେଦିନ ନିଠୁର ପରାଣେ
ତେବେ ହେଲେ ତୁମେ    ରୁଷି ନାହଁ ବନ୍ଧୁ !
ଶରଣ ଦେଇଛ ଚରଣେ ॥୧॥
ପାଶରୁ ତୁମର    ପଳାଇଲେ ଦୂରେ
ଆସି ହସ ହସ ବଦନେ
ଆଦରେ କୋଳରେ    ବସାଇଛ ମୋରେ
ବାନ୍ଧି ପ୍ରେମଭୁଜ-ବନ୍ଧନେ ॥୨॥
ଭୁଲା ପଥୁକୀ ମୁଁ    ପଥ ଯାଏ ହୁଡ଼ି
ଡାକ ଦେଇଛ ମୋ ଶ୍ରବଣେ
ଫେରି ଆସ ବୋଲି    କେତେ ଥର ସତେ
ଅମିୟ ମଧୁର ବଚନେ ॥୩॥
ଶତ ଅପରାଧେ    ଅପରାଧୀ ମୁହିଁ
ବିକଳ ଧରମେ କରମେ
ବିପଦ-ତମସା    ନିବାରିଛ ତୁମେ
ବିସାରି ବିମଳ କିରଣେ ॥୪॥

❖

(୨)

କଳି ତ ନ ପାରେ ସତେ ଦୀନବନ୍ଧୁ !
କଳି ତ ନ ପାରେ ସତେ
ଅପରାଧ ଯେତେ କଲେ ହେଲେ, ହସି
ଅନାଅଁ କାହିଁକି ମୋତେ ॥୦॥
ଦୁରୁଦିନେ ଡରି ଥରି
ଆଖି ନୀରେ ଗଲେ ଭରି
ଆଦରେ କୋଳରେ ଘେନ ବୋଧ ଦେଇ
ପୋଛି ଝରା ଲୁହ ଯେତେ ॥୧॥
ମନରୁ ଦିଏ ପାସୋରି
ପ୍ରାଣଧନେ ତୁମ ସରି
ଏଡ଼େ ଅଜାଣ ମୁଁ ଦୂର କରେ ମନୁ
କରୁଣା ଯାହାର ଏତେ ॥୨॥
କହ କହ ଜୀବଧନ !
କେବେ ଆସିବ ସେ ଦିନ
ଶିଥିଳ ନ ହେବ ବିଶ୍ୱାସ ମରମେ
ହେଜିବି ପଦ ନିରତେ ॥୩॥
ତୁଟିବ କରମ-ପାଶ
ଥିବି ସେ ଚରଣ ପାଶ
ଆଶିଷ ଭରା ସେ ହସ-ମୁଖ ଚାହିଁ
ଫେଇବି ନିଃଶ୍ୱାସ ଅନ୍ତେ ॥୪॥

❖





(୩)

ଜନମୁଁ ମରଣ ଭଲ
ସୁମରି ତୁମରି ନାମ ଯେବେ ମୋର
ନ ଝରିଲା ଆଖି-ନୀର ॥୦॥

ରସନା ଯେବେ ଗୋ ତୁମରି ନାମେ ନ ରସେ
ସଞ୍ଜ-ସକାଳେ ରହେ ଆନ ରସ ବଶେ
କରୁଣା ତୁମରି ଊଣା ବୋଲି ପ୍ରିୟ !
ବୁଝିବି ସିନା କେବଳ ॥୧॥

ମନ ଯେବେ ମୋର ନ ଭାଳିଲା ତୁମ ପ୍ରେମ
ଅନୁଭବ ଯେବେ ନ କଲି ତୁମ କରମ
ପୋଡ଼ି-ଜଳି ଯାଉ ସେ ମନ ମୋହର
ଜନମ ସାରା ବିଫଳ ॥୨॥

ତୁମ କମ-ଛବି ଯେବେ ଘୁମେ, ଜାଗରଣେ
ନାଚି ନ ଉଠିଲା ଏ ମୋର ପୋଡ଼ା ନୟନେ
ଆପଣାରେ ଭାଳି, ତୁମକୁ ପାସୋରି
ଦେହ ଧରି କେଉଁ ଫଳ ? ॥୩॥

❖

(୪)

ଏ କି ବିପରୀତ, ବୁଦ୍ଧି ପାଉନାହିଁ
ଅନୁସରି ହେଲେ କେତେ ନ ଦିଏ କେହି ବତାଇ ॥୦॥
ଯେବେ କେବେ ନିରିଜନେ
ସୁମରିବି ଭାଳେ ମନେ
ସଂସାରଯାକର ଚିନ୍ତା ମନ-ଘନେ ଆସେ ଧାଇଁ ॥୧॥
ଜଞ୍ଜାଳ ଜୀବନେ ଯେତେ
ତୁଟାଇବି ଭାଳେ କେତେ
ଦିନ ଯାଏ, କର୍ମ ବଢେ, ଅବସର ଆଉ କାହିଁ ? ॥୨॥
ପିତା ମାତା ଋଣ ଯାହା
ସୁଝି ନ ପାରିଲି ତାହା
ସୁତ-ସୁତା-ଦାରା-ଭାର ମୋର ମୋର କହୁଥାଇ ॥୩॥
ଜାଣି ପୁଣି ଜାଣୁ ନାହିଁ
ଶୁଣି ସତେ ନ ଶୁଣଇ
ମିଛ ମୋହ-ମାୟା ଜାଲେ ଧରା ଦିଏ ନିତି ଯାଇ ॥୪॥
ଭରମରେ ହେଲେ ଥରେ
ତା' ନାମ ମୁଖେ ନ ଧରେ
ତାରିଲେ ତାରିବ ଏକା, ମାରିଲେ ମାରିବ ସେହି ॥୫॥
ଭବ-ପରବାସୀ ଜୀବ
କିଏ ପାତକ ନାଶିବ
କେଜାଣି ଆଶା ପୂରିବ ସତେ ଗୁରୁ-ଦାସ ହୋଇ ? ॥୬॥

❖





(୫)

ଦୀନବନ୍ଧୁ ! ତୁମେ ନ ଦିଅ ଧରା
ଡାକି ଥକିଲିଣି, ଖୋଜି ହାରିଲିଣି
ନିତି ନିତି ସମଗରା ॥୦॥

ଦୂରେ ଦୂରେ ରଖି ମରମର ବ୍ୟଥା
ଯେବେ ବିଚାରେ ମୁଁ କହିବି ଦି' କଥା
ସେତିକି ବେଳରେ ଦୂର ଘୁଞ୍ଚା ଦେଇ
କର ମୋତେ ପର ପରା ॥୧॥

କାନେ କାନେ କେବେ ତୁମରି ନୂପୁର-
ଶବଦ ଶୁଭଇ, ସତେ କି ମଧୁର !
ଚମକି ମୁଁ ଚାହେଁ, ଆକାଶେ ମିଳାଏ
ପଲକେ ସେ ସୁର ଧାରା ॥୨॥

ହୃଦୟ-ମଝିରେ ରଖିଥିବି ଧରି
ବିଚାରି ବିଚାରି ଗଲିଣି ତ ହାରି
ନ ରହ ପଛକେ ହୃଦୟେ ନାଥ ହେ !
ହେଉ ଦୂରୁ ଆଖି-ତାରା ॥୩॥

ଯେତେ ବିଚାରୁଛି ମୁହିଁ ବାରେ ବାରେ
ଭେଟିଦେବି ମନ ସେ ରଙ୍ଗ-ପୟରେ
ଖସିଯାଏ ପାଦ ଚଲାପଥେ ମୋର
ପିଚ୍ଛିଲ-ପଙ୍କ ଭରା ॥୪॥

❖

(୬)

ପଚାରୁଛି ପଦେ କଥା, ଶ୍ରୀଛାମୁରେ ଯୋଡ଼ି କର
କ୍ଷମା କି ପାସୋରି ଦେଲ ମୋହରି ପାଇଁ ଠାକୁର ? ॥୦॥

ଜଳେ, ଥଳେ, ଆକାଶରେ ତୁମର ସମାନ ଦୃଷ୍ଟି
କିଏ ସେ ନ ଜାଣେ କହ ତୁମରି ଏ ସାରା ସୃଷ୍ଟି
ସବୁରି ପାଇଁ କି ପରା ତୁମର ସମବିଚାର ? ॥୧॥

ଅଧମ ହେଲେ ମୁଁ ପଛେ, ନୁହେଁ କି ସୁତ ତୁମ୍ଭର ?
ପିତା ତୁମେ ମୋର ବୋଲି ନ କରିବ ସିଉକାର
କୁବୁଦ୍ଧି, ଅଜ୍ଞାନୀ ସୁତେ ପିତା କି କରେ ଅନ୍ତର ? ॥୨॥

ଜାଣୁଛି ତୁମ ବିହୁନେ ତିଳେ ମୋର ଗତି ନାହିଁ
ତେବେ ହେଲେ ତୁମକୁ ମୁଁ କେବେହେଲେ ଡାକୁନାହିଁ
ପାସୋରି ତୁମକୁ ସାର କରିଛି ହୀନ 'ମୁଁ' କାର ॥୩॥

ତୁମ ବିହୁନରେ କାଳ ଗରାସୁଛି ମୋତେ ଆସି
କୋଟି ଅପରାଧୁ ମୋର ଗଳେ ଝୁଲେ ମାୟା-ଫାଶୀ
ତ୍ରାହି ତ୍ରାହି ଆର୍ତ୍ତତ୍ରାଣ ! ରକ୍ଷା କର, ରକ୍ଷା କର
ଶରଣାଗତ ଦାସରେ କୃପା କର, କୃପା କର ॥୪॥





(୭)

କି ଫଳ ସାଧନେ, କି ଫଳ ଭଜନେ
ତପ ଆଚରିବି କାହିଁ ପାଇଁ ?
ଅଭୟ ଚରଣତଳେ ତ ଶରଣ
ଘେନିଛି, ଭାବନା କାହିଁପାଇଁ ? ॥୦॥

ମୋର ମୋର ବୋଲି ଯାହା ମୁଁ କହୁଛି
କେଡ଼େ ଅବିବେକ ପଣ ମୋର ଛି'ଛି !
ମୁଁ ପରା ତୁମର ଚିର ନଉକର
ବାଉଳା ହେଉଛି କାହିଁପାଇଁ ? ॥୧॥

ତୁମ ଚରଣର ଅମୃତ-କଣିକା
ଜୀବନେ, ଜନମେ ଆଶା ମୋର ଏକା
ଦି' ଦିନର ଭବ ମାୟା-ମୋହ ଭୋଗ
ଶରଧା ତହିଁକି କାହିଁପାଇଁ ? ॥୨॥

ତୁମେ ତ ମୋହର ପରାଣର ପତି
ତୁମେ ତ ନାଥ ହେ ! ଅଗତିର ଗତି
ସବୁ ତ ଅରପି ଦେଇଛି ଠାକୁର !
ଭୁଲାଉଛ ଭଲା କାହିଁପାଇଁ ? ॥୩॥

(୮)

ଦୟାସାଗର ବୋଲାଉଛ କି କରି
ସତେ ଦେଲ କି ନିଜ ନାମ ପାସୋରି ? ॥୦॥

ଚରଣ ତଳରେ ଯେହୁ ନେଲା ଆଶରା
ଦୂରେ ଠେଲି ବୋଲାଉଛ ଦୁଃଖ-ପାସୋରା
ଏକେ ତ ଅଭାଜନ
ଅଧମ ପାପୀ ଜନ
ନ ଜାଣଇ ଭଜନ
ନ ଶିଖିଛି ପୂଜନ
ଏଥକୁ ମହାଜନ !
ଉଚିତ ଏ କି କହ ବିଚାରି ? ॥୧॥

ଧରମ, ଯାଗ ଯାହା
କଲି ହୁଡ଼ିଲି ରାହା
ସବୁକୁ ତୁମେ ସାହା
ଏକା ତ ଚଉବାହା
ତୁମ ବିନେ କେ ଆହା
କରିବ କହ ତାହା
ନୁହେଁ କି ସବୁ ଇଚ୍ଛା ତୁମରି ? ॥୨॥





ମୁଁ ଛାର ଗିରି-ଝରି
ତୁମେ ମହାସାଗର
ଶରଣ ଲୋଡ଼େ ଚିର
ମିଳନ ଆଶା ମୋର
ପୂରାଅ ଗିରିଧର
ସବୁ କରାଇ କର
ଅନ୍ତରେ ଥାଇ ପରା ସବୁରି ॥୩॥

ଶେଷ ଆଶା ମନର
ଜଣାଏ ଯୋଡ଼ି କର
ଧନ, ଜନ ନିକର
ଲୋଡ଼ା ନାହିଁ ଠାକୁର !
କେବଳ ଶ୍ରୀପୟର
ଧୂଳିକଣା ମାତର
ତିଳକ ହେଉ ମାଥେ ମୋହରି ॥୪॥

❖

(୯)

କାହିଁକି ଏ ଛଳ କହ ପ୍ରିୟବର !
ବୁଝି ତ ପାରେନା ମନ ମୋର
ଅନ୍ତର ମଝିରେ ଖେଳ ଲୁଚକାଳି
କାହିଁକି ସତେ ଏ ଛଳ କର ? ॥୦॥
ମନ-ଘରେ ଫୁଟେ ତୁମ ଛାଇ
ଆଖିରେ ଛବିର ଭେଟ ନାହିଁ
ବାରୁଛି ମୁଁ ତୁମେ ମନ-ମନ୍ଦିରେ ମୋ
ନିଶି, ଦିନ ବସି ଖେଳା କର ॥୧॥
ମୋତେ ତୁମେ ସୁଖ ପାଅ ବୋଲି
ଅନୁଭବ କରେ ନିତି ଖାଲି
ଆଶିଷ ତୁମର ଚଲାପଥେ ମୋର
ବାରି ମୁଁ ପାରୁଛି ଅନିବାର ॥୨॥
ଛଳନା କାହିଁକି କର ଆଉ ?
ଦିଅ ପରିଚୟ ଖେଦ ଯାଉ
କିଏ ତୁମେ ମୋର ଜନନୀ, ପିଅର
କି ବୋଲି ଡାକିବି ମନ-ଚୋର ॥୩॥
ଯାହା ଇଚ୍ଛା ତୁମେ ହୁଅ ତାହା
ସୁଖରେ ଦୁଃଖରେ ଚିର ସାହା
ଯାହା ପଛେ ହୁଅ ସମ୍ବନ୍ଧରେ ମୋର
ତୁମେ ଏକା ମୋର, ମୁଁ ତୁମର ॥୪॥

❖





(୧୦)

ଜଣାଉଛି ଯୋଡ଼ି କର ହେ ଠାକୁର ! ଜଣାଉଛି ଯୋଡ଼ି କର
ଅକିଞ୍ଚନ ଜନ ବୋଲି ପାଦତଳୁ କରି ଦିଅନାହିଁ ଦୂର ॥୦॥
ବୁଝି ତ ନ ପାରେ ତୁମେ କାହିଁପାଇଁ
ଧରା ଦେଇ ପୁଣି ଧରା ଦିଅ ନାହିଁ
ଯେତେ ଅପରାଧ କଲେ ମୁହିଁ ପରା ତୁମ ପୟର କିଙ୍କର ? ॥୧॥
ବିଜୁଳି-ଝଲକ ପରି ଥରେ ଥରେ
ତୁମ ରୂପ ଫୁଟି ଲିଭେ ଏ ଆଖିରେ
ଘେରି ଆସେ ପଲକରେ ଏ ଜୀବନ-ଆକାଶରେ ଘନ ଘୋର ॥୨॥
ଅତଉଲ ତୁମ ପ୍ରେମ ମୋହଠାରେ
ବଳ କାହିଁ ତୋଳି ରଖିବି ଛାତିରେ
କହି ଦିଅ ଆଖିପତା ତଳେ ମୋର କିପରି ରହିବ ଚିର ॥୩॥
ତୁମ ବିନେ ଆଖି ନ ଚାହିଁବ ଆନେ
ଜୀବଧନ କରି ରଖିବି ଜୀବନେ
ତୁମ କଥାରେ ମୁଁ ବିଷୟ-ବାସନା ପଲକେ କରିବି ଦୂର ॥୪॥
ଥରେ ଯେବେ ସଉଭାଗ୍ୟବଳେ ମୋର
ଦରଶନ ନାଥ ! ପାଇବି ତୁମର
ପଦଯୁଗ ଛନ୍ଦି ଧରିବି, ନ ଥିବ କାହିଁ ପଳାଇବା ବଳ ॥୫॥
ଛାଡ଼ି ଦେବି, ଶୁଣି ମନ କଥା ମୋର
ମନମତ ଯେବେ ହୋଇବ ଠାକୁର !
ପାର କରିବ ଏ ଭବ-ନଦୀ, ମୂଲ ଦେଇ ନ ପାରିବି ତାର ॥୬॥

❖